# ଜିଲ୍ଲାରେ ୯୧୫୩ ହେକ୍ଟର ଜମି କ୍ଷତିଗ୍ରସ୍ତ


ସମୀକ୍ଷା ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଅନ୍ୟ ଅଧିକାରୀମାନେ।

**ଯାଜପୁର ଜିଲାରେ ଫସଲ କ୍ଷୟକ୍ଷତିର ସମୀକ୍ଷା କଲେ ଯୋଗାଣ ମନ୍ତ୍ରୀ**

**ଯାଜପୁର ଟାଉନ,୨୯।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଯାଜପୁର ଜିଲା ଗସ୍ତରେ ଆସି ଆଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏଥିସହିତ ଯାଜପୁର ସର୍କିଟ ହାଉସଠାରେ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ପଞ୍ଚାୟତ ଓ ବ୍ଲକ୍ ୱାରି ଯୁଗ୍ମ କମିଟି ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି ବୋଲି ସେ ମତ ରଖିଥିଲେ। ଜିଲାରେ ସମୁଦାୟ ୧, ୦୧, ୮୧୧ ହେକ୍ଟର ଜମିରେ ହୋଇଥିବା ଧାନଚାଷ ମଧ୍ୟରୁ ପ୍ରାୟ ୮୦ ହଜାର ହେକ୍ଟର ଜମିରୁ ଧାନ ଅମଳ ହୋଇଛି। ସେଥିମଧ୍ୟରୁ ୮୧,୨୭୩ ଚାଷୀ ପ୍ରଧାନ ମନ୍ତ୍ରୀ ଫସଲ ବୀମା କରିଛନ୍ତି। ଜିଲାରେ ୯୧୫୩ ହେକ୍ଟର ଜମି ବର୍ଷା ଦ୍ୱାରା କ୍ଷୟକ୍ଷତି ହୋଇଛି। ବୀମା ଭୁକ୍ତ ହୋଇ ନ ଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ କ୍ଷୟକ୍ଷତି ଆକଳନ ଚାଲିଛି। ବୀମା ଭୁକ୍ତ ଓ ବୀମା କରି ନ ଥିବା ପ୍ରକୃତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ସମୟରେ ଚାଷୀଙ୍କ ପ୍ରତି କୋହଳ ମୋନୋଭବ ପୋଷଣ କରିବାକୁ ମନ୍ତ୍ରୀ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଜିଲାର ବିଞ୍ଝାରପୁର, ଦଶରଥପୁର ଓ ବଡଚଣା ବ୍ଲକ୍‌ରେ ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଜିଲାପାଳ ପ୍ରକାଶ କରିଥିଲେ। ମନ୍ତ୍ରୀ ଯାଜପୁର ଗସ୍ତ ସମୟରେ ବିଞ୍ଝାରପୁର, ଦଶରଥପୁର ବ୍ଲକ୍‌ର ଅଳକୁଣ୍ଡ, କପିଳା ଓ ବିରଜାପୁର ପଞ୍ଚାୟତ ପରିଦର୍ଶନ କରି କ୍ଷୟକ୍ଷତି ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଫସଲ ବୀମା ଅର୍ଥରାଶି ଓ କ୍ଷୟକ୍ଷତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା, ଜିଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର, ସମସ୍ତ ତହସିଲଦାର, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ବ୍ଲକ୍ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଣିରାମଙ୍କ ପରିବାରକୁ ଭେଟିଲେନି ମନ୍ତ୍ରୀ

ବିଞ୍ଝାରପୁର,୨୯।୧୨(ରାମକୃଷ୍ଣ ଦାସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଖରିଫ ଓ ରବି ଫସଲ କ୍ଷୟକ୍ଷତି ହୋଇଛି। ଏହାର ଅନୁଧ୍ୟାନ ପାଇଁ ରବିବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ସେ ବ୍ଲକ୍‌ର କପିଳା, ଅଳକୁଣ୍ଡ, ପ୍ରୀତିପୁର ପଞ୍ଚାୟତରେ ଚାଷଜମି ଦେଖିବା ସହିତ ଚାଷୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ମନ୍ତ୍ରୀ ଚାଷୀଙ୍କୁ ଆଶ୍ୱାସନା ଦେଇ କହିଥିଲେ, ସରକାର ଚାଷୀଙ୍କ କ୍ଷୟକ୍ଷତିର ସହାୟତା ପ୍ରଦାନ କରିବେ। ତେବେ ମନ୍ତ୍ରୀ ଏଠାକୁ ଆସିଥିବାବେଳେ ଚିକଣା ପଞ୍ଚାୟତ ମଣିତାପୁର ଗ୍ରାମର ମୃତ ଚାଷୀ ମଣିରାମ ମହାନ୍ତିଙ୍କ ପରିବାରକୁ ଭେଟି ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଛି। ମଣିରାମ ଲଘୁଚାପଜନିତ ଲଗାଣ ବର୍ଷାରେ ନିଜର ଧାନକ୍ଷେତ ଉଜୁଡିଯାଇଥିବା ଦେଖି ଶୁକ୍ରବାର ମାନସିକ ଭାରସାମ୍ୟ ହରାଇଥିଲେ। ପରେ ସେହି ଧାନ କ୍ଷେତରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନିଆଁ ଲାଗି ଜଳିଗଲା ୪ ଟ୍ରକ୍



**ଚଣ୍ଡିଖୋଲ,୨୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର କଉଡୁକୋଲ ଓ କୁନ୍ଦଳ ଛକ ମଧ ଭାଗରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତିରେ ନିଆଁ ଲାଗି ୪ ଟ୍ରକ୍ ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯଦି ପେଟ୍ରୋଲ ପମ୍ପ ନିକଟକୁ ନିଆଁ ଯାଇଥାନ୍ତା ତେବେ ଏକ ବଡ଼ଧରଣର ଅଘଟଣ ଘଟି ଯାଇଥାଆନ୍ତା। ରବିବାର ସକାଳେ ମାହାଙ୍ଗା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି।

# ମୃତ ଚାଷୀଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥନାହିଁ

**ବିଞ୍ଝାରପୁର,୨୯।୧୨(ରାମକୃଷ୍ଣଦାସ):**

ବିଞ୍ଝାରପୁର ବ୍ଲକ ଚିକଣା ପଞ୍ଚାୟତର ଚାଷୀ ମଣିରାମ ମହାନ୍ତି(୭୨) ଲଘୁଚାପ ଜନିତ ଲଗାଣ ବର୍ଷାରେ ନିଜର ଧାନକ୍ଷେତ ଉଜୁଡିଯାଇଥିବା ଦେଖି ମାନସିକ ଭାରସାମ୍ୟ ହରାଇ ସେହି ଧାନକ୍ଷେତରେ ହୃଦ୍‌ଘାତରେ ଟଳି ପଡ଼ିଛନ୍ତି। ଏବେ ତାଙ୍କର ଶୁଦ୍ଧିକ୍ରିୟା ପାଇଁ ଅର୍ଥ କେଉଁଠୁ ଆଣିବେ ବୋଲି ତାଙ୍କ କୋହଭରା କଣ୍ଠରେ କହିଛନ୍ତି। ସେ କହିଛନ୍ତି, ଚାଷ ପାଇଁ ମଣିରାମ ଘରେ ଥିବା ସମସ୍ତ ସୁନା ଅଳଙ୍କାର ବନ୍ଧା ପକାଇ ଅର୍ଥ ଆଣିବା ସହିତ ବହୁ ଲୋକଙ୍କ ନିକଟରୁ ମଧ ହାତ ଉଧାରି ଆଣିଥିଲେ। ଏପରିକି ଘଟଣା ଦିନ ମଣିରାମଙ୍କୁ ମେଡିକାଲ ନେବାକୁ ହଜାର ଟଙ୍କା ଧାର କରିବାକୁ ପଡ଼ିଥିଲା। ମଣିରାମଙ୍କ ମୃତ୍ୟୁପରେ ଗ୍ରାମବାସୀଙ୍କ ସହାୟତାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ନିରଞ୍ଜନ ବାପାଙ୍କୁ ଝୁରି ହେଉଛନ୍ତି। ଏପରିସ୍ଥଳେ ମଣିରାମଙ୍କ ଶୁଦ୍ଧି କାର୍ଯ୍ୟପାଇଁ ବାଧକ ସାଜିଛି ଅର୍ଥ। ଏହି ସମ୍ପର୍କରେ ଚିକଣାର ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ କହିଛନ୍ତି, ବଦାନ୍ୟ ବ୍ୟକ୍ତି ଓ ଗ୍ରାମବାସୀଙ୍କ ଆର୍ଥିକ ସହଯୋଗରେ ମଣିରାମଙ୍କ ଶୁଦ୍ଧି କାର୍ଯ୍ୟ ସମ୍ପନ୍ନ କରାଯିବ। ବିଞ୍ଝାରପୁର ବ୍ଲକ ସଭାପତି ନନ୍ଦକିଶୋର ସାମଲ କହିଛନ୍ତି, ବିଜେଡି ସବୁବେଳେ ଅସହାୟଙ୍କ ପଛରେ ଥିଲା, ଅଛି ଓ ରହିବ ମଧ। ମଣିରାମଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ବିଜେଡି ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଛନ୍ତି।

# ୩୦ ଲକ୍ଷ କ୍ଷତିପୂରଣ ଦାବି କଲେ ବିଧାୟିକା

**ବିଞ୍ଝାରପୁର,୨୯।୧୨(ରାମକୃଷ୍ଣ ଦାସ):**


ମୃତ ଚାଷୀଙ୍କ ପରିବାରକୁ ଭେଟୁଛନ୍ତି ବିଧାୟିକା ପ୍ରମିଳା ମଲ୍ଲିକ।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ଚାଷୀ ମଣିରାମ ମହାନ୍ତି(୭୨) ଲଘୁଚାପ ଜନିତ ଲଗାଣ ବର୍ଷାରେ ନିଜର ଧାନକ୍ଷେତ ଉଜୁଡିଯାଇଥିବା ଦେଖି ମାନସିକ ଭାରସାମ୍ୟ ହରାଇ ସେହି ଧାନକ୍ଷେତରେ ହୃଦ୍‌ଘାତରେ ଟଳିପଡ଼ିଥିଲେ। ତାଙ୍କ ମୃତ୍ୟୁ ଘଟଣା ଗଣମାଧ୍ୟମରେ ପ୍ରସାରିତ ହେବାପରେ ରବିବାର ବିଧାୟିକା ପ୍ରମିଳା ମଲ୍ଲିକ ତାଙ୍କ ସ୍ତ୍ରୀ ମାଳତି ଦେଈ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଭେଟି ଭଲମନ୍ଦ ବୁଝିବା ସହ ସମବେଦନା ଜଣାଇଛନ୍ତି। ପରେ ଏକ ଖବରଦାତା ସମ୍ମିଳନୀ କରି ବିଧାୟିକା ଭାଜପା ସରକାରଙ୍କ ଉପର ବର୍ଷିଛନ୍ତି। ସେ କହିଛନ୍ତି, ସରକାର ତୁରନ୍ତ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ କଥା ବୁଝନ୍ତୁ। ଏଥିସହିତ ମୃତ ଚାଷୀଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦେବା ସହ ତାଙ୍କ ଋଣ ଛାଡ଼ କରିବା ଓ କ୍ଷତି ପୂରଣ ବାବଦକୁ ୩୦ ଲକ୍ଷଟଙ୍କା ଦେବା ପାଇଁ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, କୃଷକ ନେତା ନିତ୍ୟାନନ୍ଦ ରାଉତ, ଚିକଣା ସରପଞ୍ଚ ପାର୍ବତୀ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ଧ୍ରୁବଚରଣ ସେଠୀ ଓ ପର୍ଶୁରାମ କବି ପ୍ରମୁଖ ଉପସ୍ଥିତ ଥିଲେ।

# ହନୁମାନ ଚାଳିଶା ପାଠ ପାଇଁ ହିନ୍ଦୁଙ୍କୁ ପରାମର୍ଶ

**ଅନ୍ତର୍ଜାତୀୟ ହିନ୍ଦୁ ପରିଷଦ ନେତା ପ୍ରବୀଣଭାଇ ତୋଗାଡ଼ିଆଙ୍କ ଯାଜପୁର ଗସ୍ତ**

**ଯାଜପୁର ଟାଉନ,୨୯।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଅନ୍ତର୍ଜାତୀୟ ହିନ୍ଦୁ ପରିଷଦ ନେତା ପ୍ରବୀଣଭାଇ ତୋଗାଡ଼ିଆ ଅନ୍ତର୍ଜାତୀୟ ହିନ୍ଦୁ ପରିଷଦ ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ରବିବାର ଯାଜପୁର ଗସ୍ତ କରି କୁମ୍ଭ ମେଳା ପରିପ୍ରେକ୍ଷୀରେ ବିରଜା ପାନ୍ଥଶାଳାରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ୧୨ବର୍ଷ ପରେ ପଡିବାକୁ ଥିବା ପ୍ରୟାଗର କୁମ୍ଭମେଳାରେ ଯୋଗଦାନ କରୁଥିବା ସମସ୍ତ ହିନ୍ଦୁଙ୍କୁ ମାଗଣାରେ ଖାଦ୍ୟ, ୮ହଜାର ହିନ୍ଦୁ ପାଇଁ ନିଶୁଳ୍କ ବ୍ୟବସ୍ଥା ଏବଂ କମ୍ବଳ ଯୋଗାଇ ଦିଆଯିବ ବୋଲି ତୋଗାଡିଆ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ମାସର ଶନିବାର ହନୁମାନ ଚାଳିଶା ପାଠ ପାଇଁ ସେ ହିନ୍ଦୁମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାନୁଆରୀ ୨୪ ଓ ୨୫ରେ ୧ଲକ୍ଷ ଗ୍ରାମରେ ହନୁମାନ ଚାଳିଶା ପାଠ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସେ କହିଛନ୍ତି। ଗରିବ ହିନ୍ଦୁ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ନିମନ୍ତେ ସମସ୍ତ ଫି' ସାହାଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ଶାଖାର ମୁଖ୍ୟ ଅରବିନ୍ଦ ଦାସ, ରାଜେନ୍ଦ୍ର ପ୍ରଧାନ, ପ୍ରଭାତ ରଞ୍ଜନ ମଲ୍ଲିକ ଓ ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜେନାପୁର ଡିଗ୍ରୀ କଲେଜରେ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଜେନାପୁର,୨୯।୧୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଡିଗ୍ରୀ କଲେଜରେ ସାମ୍ପ୍ରତିକ ସମୟରେ 'ଶାରଳା ସାହିତ୍ୟର ଅନୁଶୀଳନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଭାବେ ମଧୁପୁର କଲେଜ ଅଧ୍ୟାପକ ଡ. ସତ୍ୟପ୍ରିୟ ସାହୁ ଯୋଗଦେଇ ସାମ୍ପ୍ରତିକ ସମୟରେ ଶାରଳା ଦାସଙ୍କ ସାହିତ୍ୟ ଆମ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଅଧକ୍ଷ ଚିତ୍ତରଞ୍ଜନ ଶତପଥୀ, ଅଧ୍ୟାପକ ଦାମୋଦର ପଣ୍ଡା ଯୋଗଦେଇ ଓଡ଼ିଆ ସାହିତ୍ୟରେ ଶାରଳା ଦାସଙ୍କ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଜେନା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ଦେବସ୍ମିତା ଦାସ, ଗ୍ରନ୍ଥାଗାରିକ ହରେକୃଷ୍ଣ ପାଳ, ପିଇଟି ଶଙ୍କର୍ଷଣ ଦୋରା, ବିରଜା ଶଙ୍କର ରାଉତ, ବିଶ୍ୱଜିତ୍ ବେହେରା, ଅଜୟ ମହାନ୍ତି, ସାଉଣ୍ଟି ଚରଣ ଦାସ, ଆଶିଷ ଦାସ, ସଞ୍ଜୟ ମହାନ୍ତି, ଅନୁସୟା ପାଳ ଯୋଗଦେଇ ସହଯୋଗ କରିଥିଲେ। ଛାତ୍ରୀ ବର୍ଷାରାଣି ସାହୁ, ସ୍ୱର୍ଣ୍ଣଲତା ରାଉତ, ମମତା ବଳ, ସୋମନାଥ ପ୍ରିତିସୟା ବେହେରା, ଜିତେନ୍ଦ୍ର ମଳିକ ଓ ସୋନାଲି ରାଉତଙ୍କ ସମେତ ସମସ୍ତ ଓଡ଼ିଆ ଅନର୍ସ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ନନ୍ଦିତା ଦୋରା ଧନ୍ୟବାଦ ଦେଇଥିଲେ।

# ଇଲେଭେନ ଷ୍ଟାର ଯାଜପୁର ବିଜୟୀ

**ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

**ଯାଜପୁର ଟାଉନ,୨୯।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରର କୁସୁମା ପଡ଼ିଆ ଠାରେ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର, ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ ନେତା ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ଦିବସ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଟାଉନ ସହିତ ଚରମ୍ପା ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଚରମ୍ପା ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୧୬.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱୟଂଭୁ ପଲେଇ ୩୩ ରନ୍ ସଂଗ୍ରହ କରିଥିବା ବେଳେ ସରୋଜ ବେହେରା ୨୪ ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାରର ବୋଲର ଅଙ୍କିତ ସଲୋନୀ ୪.୪ ଓଭର ବୋଲିଂ କରି ୨୧ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିବାବେଳେ ଅଭିଲାଷ ରାଉତରାୟ ୪ ଓଭର ବୋଲିଂ କରି ୯ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଲେଭେନ ଷ୍ଟାର ମାତ୍ର ୧୩ ଓଭର ଖେଳି ୪ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅଙ୍କିତ ସଲୋନୀ ୪୬ ରନ୍ ସଂଗ୍ରହ କରିଥିବାବେଳେ ଚକ୍ରଧର ୧୪ ରନ୍ ସଂଗ୍ରହ କରିଥିଲେ। ଅଙ୍କିତ ସଲୋନୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ଶ୍ରୀଜୟ ମହାପାତ୍ର, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପହି, ସଚ୍ଚିଦାନନ୍ଦ ଜେନା, ବିଶ୍ୱଜିତ ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର ଭାବେ ଶାରଦା ମହାପାତ୍ର ଓ ରଞ୍ଜନ ମହାନ୍ତି କାର୍ଯ୍ୟ ତୁଲାଇଥିଲେ। ସ୍କୋରର ଭାବେ ଯଯାତି ସାମଲ ଯୋଗ ଦେଇଥିଲେ।


ଅତିଥିମାନେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜିତ୍



@ ଅଶୋକ


@ ପୂଜା


@ ସୁକାନ୍ତି


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ମନ୍ଥନ ଶିବିର

**ଯାଜପୁର ଟାଉନ,୨୯।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ସଫଳ ରୂପାୟନ ନିମନ୍ତେ ଯାଜପୁର ଜିଲାସ୍ତରୀୟ ମନ୍ଥନ ଶିବିର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା ଓ ବଡଚଣା ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ ବିନୟ କିଶୋର ଦାସ, ରାଜୀବ କୁମାର ନାଗ ଉପସ୍ଥିତ ରହି ଉକ୍ତ ଅଭିଯାନର ଲକ୍ଷ୍ୟ ଓ ସଫଳ ରୂପାୟନ ନିମନ୍ତେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଏହି ଅଭିଯାନରେ ଜିଲାର ୫ ବ୍ଲକ୍ ଯଥା: ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା, ବଡଚଣା ଅନ୍ତର୍ଗତ ୬୭ ଆଦିବାସୀ ଗ୍ରାମକୁ ଚିହ୍ନଟ କରାଯାଇଛି। ଏହି ଗ୍ରାମଗଡ଼ିକରେ ବସବାସ କରୁଥିବା ସମସ୍ତ ଅନୁସୂଚିତ ଜନଜାତି ଲୋକଙ୍କ ବିକାଶ ନିମନ୍ତେ ୧୭ ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲାପାଳ ସମସ୍ତ ଅଧିକାରୀଙ୍କୁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ସହିତ ଏହି ଅଭିଯାନ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓ ପ୍ରତୀକ ମହାପାତ୍ର
ଆର୍ବିଭାବ: ୦୪.୦୨.୧୯୯୯
ତିରୋଧାନ: ୧୭.୧୨.୨୦୧୭
(ବକୁଳ ଅମାବାସ୍ୟା)

ଧନରେ,
ତୋ ଅବର୍ତ୍ତମାନରେ କେମିତି କଟିଛି ମୋର ସାତ'ଟି ଅଶ୍ରୁଳ ବର୍ଷ କାହାକୁ କହିବି ? ସେଦିନ ସେଇ ବକୁଳ ଅମାବାସ୍ୟାରେ ସମୁଦ୍ରର ଉତ୍ତାଳ ଉର୍ମି ମୋ ପାଖରୁ ତୋତେ ଟାଣି ନେଇଗଲା ପୃଥିବୀରୁ ଆକାଶକୁ । ଅମା ଅନ୍ଧାର ଭିତରେ ହଜିଗଲା ମୋର ବଞ୍ଚିବାର ସବୁତକ ରାସ୍ତା । ଏତେ ଲୋକଙ୍କ ଭିଡ ଭିତରେ ତୁ ଆଉ ଦିଶୁନୁ। ଛୋଟୁରେ ତୁ ଥିଲୁ ମୋର ପ୍ରତିଟି ପଲକର ପୁଲକ, ମୋ ସ୍ୱପ୍ନର ପ୍ରତୀକ । ଆଜି ଯେଉଁଠି ଅଛୁ ତୁ ଭଲରେ ଥା । ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନାକୁ ପାଥେୟ କରି ମୁଁ ଯାହା ବଞ୍ଚିଛି ।

ତୋର ହତଭାଗିନୀ 'ମା' (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ



No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଣ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅକଟଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

# ଚାଷୀଙ୍କ ସହ ସବୁବେଳେ ଛିଡ଼ା ହୋଇଛନ୍ତି ସରକାର

## ଜିଲାସ୍ତରୀୟ କ୍ଷୟକ୍ଷତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

କୁଜଙ୍ଗ/ତିର୍ତ୍ତୋଲ, ୨୯।୧୨ (ମନୋଜ ପ୍ରଧାନ/ଗୌରାଙ୍ଗ ଚରଣ ସ୍ୱାଇଁ)


ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ଜେ. ସୋନାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

ଲଘୁଚାପଜନିତ ଲଗାଣ ବର୍ଷାରେ ଜଗତ୍‌ସିଂହପୁର ଜିଲାରେ ଖରିଫ ଧାନଚାଷରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ରବିବାର ଜିଲା ଗସ୍ତରେ ଆସି ଏହାର ସମୀକ୍ଷା କରିଛନ୍ତି। କୁଜଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ କ୍ଷୟକ୍ଷତି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ, ଚାଷୀଙ୍କ ସହ ସରକାର ସବୁବେଳେ ଛିଡ଼ା ହେଇଛନ୍ତି। ଆତ୍ମହତ୍ୟା ସମାଧାନର ବାଟ ନୁହେଁ। ତେଣୁ ଏଭଳି ଉଦ୍ୟମରୁ ବିରତ ରହିବାକୁ ସେ ଚାଷୀଙ୍କୁ ନିବେଦନ କରିଥିଲେ। ଲଘୁଚାପଜନିତ ବର୍ଷାରେ କ୍ଷତିର ସମ୍ମୁଖୀନ ହୋଇଥିବା ଜଣେ ହେଲେ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେନାହିଁ। ପ୍ରଥମ ଥର ସରକାର ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସମୀକ୍ଷା କରୁଛନ୍ତି। ଯଦି ସରକାରୀସ୍ତରରେ କ୍ଷୟକ୍ଷତି ଆକଳନରେ ଭୁଲ ରହେ ତେବେ କ୍ଷତିଗ୍ରସ୍ତ ଚାଷୀ ନିଜ ବିଲରେ ଛିଡ଼ା ହୋଇ ଫଟୋ ଉଠାଇ ଜିଓ ଟ୍ୟାଗିଂ କରି ସରକାରଙ୍କ ସହାୟକ ନମ୍ବର '୧୪୪୪୭'କୁ ପଠାଇବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ମଣ୍ଡିରେ ଧାନ ଦେବା ପାଇଁ ୪୭ ହଜାର ଚାଷୀ ଜଗତ୍‌ସିଂହପୁର ଜିଲାରେ ପଞ୍ଜୀକରଣ କରିଛନ୍ତି। ରବିବାର ସୁଦ୍ଧା କ୍ଷୟକ୍ଷତିର ସହାୟକ ନମ୍ବରରେ ମାତ୍ର ୧୪ ହଜାର୫ଶହ ଚାଷୀ ଜିଓ ଟ୍ୟାଗିଂ କରିଛନ୍ତି। ସୋମବାର ଶେଷ ତାରିଖ ଥିବାରୁ ଅବଶିଷ୍ଟ ଚାଷୀଙ୍କୁ ଜିଓ ଟ୍ୟାଗିଂ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଖରିଫ ଧାନକ୍ରୟ ନିମନ୍ତେ ସରକାର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଜାନୁୟାରୀ ୮ ତାରିଖରେ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଓ ରଘୁନାଥପୁର ବ୍ଲକରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଯେହେତୁ ଧାନ ସବୁ ପାଣିରେ ବୁଡ଼ିକି ରହିଛି ତେଣୁ ଅମଳ କରିବାରେ ବିଳମ୍ବ ହେବା ନିଶ୍ଚିତ। ତେଣୁ ମଣ୍ଡି ଖୋଲିବାର ସମୟ ସୀମା ବୃଦ୍ଧି କରାଯାଇପାରେ ବୋଲି ସେ ପ୍ରକାଶ କରିଥିଲେ। ମାତ୍ର ପାଣିରେ ଭିଜିଥିବା ଧାନ କ୍ରୟ ସମ୍ପର୍କରେ କିଛି କୁହାଯାଇ ନଥିବା ବେଳେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଏଫ୍‌ଏକ୍ୟୁ ଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଥିଲା। ଏ ସଂକ୍ରାନ୍ତ ପ୍ରଶ୍ନ ଉପରେ ଉପମୁଖ୍ୟମନ୍ତ୍ରୀ ଏହା ଯୋଗାଣ ବିଭାଗର ଦାୟିତ୍ୱ ବୋଲି କହିଛନ୍ତି। ତେବେ ବୀମା କରିଥାନ୍ତୁ ବା ନ କରିଥାନ୍ତୁ ସମସ୍ତ ଚାଷୀଙ୍କୁ ଡିବିଟି ମାଧ୍ୟମରେ କ୍ଷତିପୂରଣ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ବୈଠକରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସରକାର ତତ୍ପର ଅଛନ୍ତି ବୋଲି କହିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଜେ.ସୋନାଲ, ଜିଲା ପରିଷଦ ନିର୍ବାହୀ ତଥା ବିକାଶ ଅଧିକାରୀ ରବି ନାରାୟଣ ଜେଠି, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଜିଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ବ୍ଲକ କୃଷି ଅଧିକାରିଣୀ ସୀତାରତ୍ନମାଳା ଦାସ ପ୍ରମୁଖ ଥିବାବେଳେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଭାଜପା ନେତା ସତ୍ୟସାରଥି ମହାନ୍ତି, କ୍ଷୀରୋଦ ପରିଡ଼ା, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ଆଗପାଳ ସରପଞ୍ଚ ବିପିନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରଥମେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଜଡ଼ତିରା ପଞ୍ଚାୟତ ସମେତ କେତେକ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଚାଷୀ ଶରତ ଚନ୍ଦ୍ର ବେହେରା, ସୁଦାମ ଚରଣ ନାଥଙ୍କ ସହ ଅନ୍ୟ ଚାଷୀମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ନଷ୍ଟ ହୋଇଯାଇଥିବା ଧାନ ଦେଖାଇ ନିଜର ଅସୁବିଧା ଅବଗତ କରାଇଥିଲେ। ସରକାରଙ୍କ ତରଫରୁ ସେମାନଙ୍କୁ ସହାୟତା ପ୍ରଦାନ ଲାଗି ବିଚାର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଶାରଳା ରୋଡ, ନେହେରୁ ବଜାର, ତିର୍ତ୍ତୋଲ ଲକ୍ ବଜାର ଆଦି ସ୍ଥାନରେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଜିତ୍


@ ଅଶୋକ


@ ପୂଜା


@ ସୁକାନ୍ତି


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡ. ମନମୋହନ ସିଂ ଥିଲେ ଅର୍ଥନୀତି ବିଶାରଦ

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ରଘୁନାଥପୁର, ୨୯।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡ଼ି ବ୍ଲକ ମଙ୍ଗୁଳି ପଞ୍ଚାୟତ ଅନ୍ତର୍ଗତ ଶଙ୍ଖାରିସାହିଠାରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଦନମୋହନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ଶ୍ୟାମସୁନ୍ଦର ପାଇକରାୟ ପରିଚାଳନା କରିଥିଲେ। ଏଥିରେ ଶିକ୍ଷାବିତ୍ ଅରୁଣ କୁମାର ଦାସ ଯୋଗଦେଇ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ସିଂଙ୍କ ଉଦାରବାଦୀ ଚିନ୍ତାଧାରା ଓ କୂଟନୀତିସ୍ତରରେ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ଡ. ସିଂ ଥିଲେ ଭାରତବର୍ଷର ଅର୍ଥନୀତି ବିଶାରଦ। ତାଙ୍କରି ପ୍ରଧାନମନ୍ତ୍ରିତ୍ୱ ସମୟରେ ଭାରତର ଅର୍ଥନୀତିରେ ଚମକ ଆସିଥିଲା ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସମବାୟବିତ୍ ବିଜୟପ୍ରସନ୍ନ ଦାସ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ସିଂ ଥିଲେ ଜଣେ ଯୋଗଜନ୍ମା। ତାଙ୍କ ଅର୍ଥନୀତି ଯୋଗୁ ଭାରତ ବର୍ତ୍ତମାନ ବିଶ୍ୱରେ ତୃତୀୟ ସ୍ଥାନ ହାସଲ କରିପାରିଛି।

ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ ସୁବାସ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାକୁ ଚିତ୍ତରଞ୍ଜନ ଭୂୟାଁ ଓ ଜୟନ୍ତ ଭୂୟାଁ ସଂଯୋଜନା କରିଥିବାବେଳେ ରାଜକିଶୋର ମହାନ୍ତି, ମାୟାଧର ଜେନା, କେଦାରନାଥ ସାହୁ, ଲିଙ୍ଗରାଜ ରାଉତରାୟ, ମାନସ ବାରିକ, ବାସୁଦେବ ପାତ୍ର, ପ୍ରସନ୍ନ ବିଶ୍ୱାଳ, ଅଶୋକ ସାହୁ, ସନାତନ ଦାସ, ବିଭୂତି ପାଇକରାୟ, ତ୍ରିଲୋଚନ ସାହୁ, ସତ୍ୟବ୍ରତ ବିଶ୍ୱାଳ, ରବୀନ୍ଦ୍ର ଭୂୟାଁ, ଅଭିଜିତ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଶାଖା ଡାକଘରୁ ଟଙ୍କା ଉଠାଇପାରୁନାହାନ୍ତି ହିତାଧିକାରୀ


ଶାଖା ଡାକଘର ସମ୍ମୁଖରେ ନିରାଶ ହିତାଧିକାରୀମାନେ।

## ୨ ମାସ ହେବ ଭୋଗୁଛନ୍ତି ସମସ୍ୟା

କୁଜଙ୍ଗ, ୨୯।୧୨ (ମନୋଜ ପ୍ରଧାନ)

ଲୋକମାନେ ଦୁଇମାସ ହେବ ଶାଖା ଡାକଘରୁ ଟଙ୍କା ଉଠାଇପାରୁନାହାନ୍ତି। ବିଭିନ୍ନ ସମୟରେ ଲୋକମାନେ ଟଙ୍କା ଉଠାଇବା ପାଇଁ ଆସି ଫେରୁଛନ୍ତି। ହେଲେ ଡାକଘରୁ ଟଙ୍କା ଉଠିପାରୁନି। ବିଶେଷକରି ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀମାନେ ଉକ୍ତ ଶାଖା ଡାକଘରୁ ଟଙ୍କା ଉଠାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁଜଙ୍ଗ ସବ୍ ପୋଷ୍ଟଅଫିସ ଅଧୀନ ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ଏସ୍-ନଳକଣି ଶାଖା ଡାକଘରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଏହି ଡାକଘରେ ନିକଟ ଅଞ୍ଚଳର ଶତାଧିକ ଭତ୍ତା ହିତାଧିକାରୀ ସଞ୍ଚୟ ଖାତା ଖୋଲିଛନ୍ତି। ଉକ୍ତ ହିତାଧିକାରୀଙ୍କ ପ୍ରତିମାସର ଭତ୍ତା ଟଙ୍କା ସରକାରୀସ୍ତରରେ ଏହି ଶାଖା ଡାକଘରର ସଞ୍ଚୟ ଖାତାକୁ ଆସିଥାଏ। ମାତ୍ର ଗତ ଦୁଇମାସ ହେଲାଣି ଭତ୍ତା ଟଙ୍କା ଆସିଥିଲେ ମଧ୍ୟ ତାହା ଉଠିପାରୁନାହିଁ ବୋଲି ଡାକଘରକୁ ଆସି ଟଙ୍କା ଉଠାଇ ନ ପାରି ଫେରିଥିବା ଦୁଃଖୀ ନାୟକ, କାନ୍ଦୁରି ସ୍ୱାଇଁ, ସୁନାମଣି ରାଉତ, ରେବତୀ ନାୟକ, ସ୍ୱର୍ଣ୍ଣପ୍ରିୟା ନାୟକ, ଶରତ ଚନ୍ଦ୍ର ରାଉତ, ଦିଗମ୍ବର ନାୟକ, ଦୈତାରୀ ସ୍ୱାଇଁ, ବାବାଜୀ ଦ୍ୱିବେଦୀ, ବିଷ୍ଣୁ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଶାଖା ଡାକଘର ପୋଷ୍ଟମାଷ୍ଟର ବାସନ୍ତୀ ସିଂଙ୍କୁ ପଚାରିବାରୁ ସେ ଗତ ନଭେମ୍ବରରୁ ଏହି ଡାକଘରେ ଯୋଗଦେଇଛନ୍ତି। ତେବେ ଟଙ୍କା ଉଠାଇବା ପାଇଁ ଆବଶ୍ୟକ ହେଉଥିବା ଆଇପିବିପି ଆଇଡି ଆସି ନ ଥିବାରୁ ଟଙ୍କା ଦିଆଯାଇପାରୁନାହିଁ ବୋଲି କହିଛନ୍ତି। ଏହି ଅସୁବିଧା ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିବା ପ୍ରକାଶ କରିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଶପଥ

## ୧୯୮୨ ବ୍ୟାଚ୍ ବନ୍ଧୁମିଳନ

ରଘୁନାଥପୁର, ୨୯।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୁଆଳିପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୨ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପର୍ବ ସ୍ଥାନୀୟ ଧଳତଙ୍ଗଗଡ଼ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଶିକ୍ଷକ ଅଦ୍ୱୈତ କୁମାର ବସ୍ତିଆଙ୍କ ପରିଚାଳନାରେ ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗିରିଶ୍ ଚନ୍ଦ୍ର ହାଜରା ଓ ସାଥୀ ଚରଣ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପରେ ପରିବେଶ ସୁରକ୍ଷା ନେଇ ପ୍ରତ୍ୟେକ ସାଥୀ ନିଜ ଘରବାରି କିମ୍ବା ସରକାରୀ ଜମିରେ ଦୁଇଟି ଗଛ ଲଗାଇବା ପାଇଁ ଶପଥ ନେଇଥିଲେ। ଏହାଛଡ଼ା ଉପସ୍ଥିତ ନ ଥିବା ସାଙ୍ଗସାଥୀଙ୍କୁ ଏ ସମ୍ପର୍କରେ ଅନୁପ୍ରାଣିତ କରିବା ପାଇଁ ସ୍ଥିର ହୋଇଥଲା। ଏଥିରେ ଅଜୟ ବିଶ୍ୱାଳ, ନିମାଇଁ ମହାନ୍ତି, ସଂଗ୍ରାମ ପଣ୍ଡା, ସୁଦର୍ଶନ ବେହେରା, ଜୟନ୍ତ ପଟ୍ଟନାୟକ, ମାଧବାନନ୍ଦ ମହାପାତ୍ର, ନିରୁପମା ମହାନ୍ତି, ଶୋଭା ପଟ୍ଟନାୟକ, ଅପର୍ଣ୍ଣା ସ୍ୱାଇଁ, ସଂଘମିତ୍ରା ବିଶ୍ୱାଳ, ନୀହାରିକା ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ନହଙ୍ଗ ପାକ୍ସର ବାର୍ଷିକ ସାଧାରଣ ସଭା

ଡେରାବିଶ, ୨୯।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଭାଗୀରଥି ସାହୁ ଅଧ୍ୟକ୍ଷତା କରିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତୀ ପତି, ସରପଞ୍ଚ ବିଳାସିନୀ ସେଠୀ, ଛୋଟି ସରପଞ୍ଚ ରଜନୀ ମଲିକ, କୁରୁଜଙ୍ଗା ସରପଞ୍ଚଙ୍କ ପ୍ରତିନିଧି ସତ୍ୟରଞ୍ଜନ ସାମଲ ଓ ସମିତିର ପୂର୍ବତନ ସମ୍ପାଦକ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ସମିତି ମାଧ୍ୟମରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଓ ମାତ୍ର ୨% ସୁଧରେ ୩ ଲକ୍ଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ହୋଇଛି। ସଭା ପ୍ରାରମ୍ଭରେ ସଭାପତି ସାହୁଙ୍କ ନିର୍ଦ୍ଦେଶ କ୍ରମେ ସମିତି ସମ୍ପାଦକ ଦେବ ପ୍ରସାଦ ସାହୁ ବିବରଣୀ ପାଠ କରିଥିଲେ। ସମିତିର ଅଗ୍ରଣୀ ଚାଷୀ ନାରାୟଣ ଲେଙ୍କା, କ୍ଷେତ୍ରବାସୀ ନାୟକ, ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ବର୍ଷା ଯୋଗୁ ଅଞ୍ଚଳର ସମସ୍ତ ଧାନ ଫସଲ ନଷ୍ଟ ହୋଇଯାଇଛି। ଚାଷୀମାନଙ୍କ କ୍ଷୟକ୍ଷତି ଭରଣା ଏବଂ କୃଷି ଋଣ ଛାଡ ପାଇଁ ଦାବି କରିଥିଲେ। ସମିତି କର୍ମଚାରୀ ସୁରେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟିକଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ, ୨୯।୧୨ (କଳ୍ପତରୁ ନାୟକ)

ବିଶିଷ୍ଟ ସାହିତ୍ୟିକ, ବରିଷ୍ଠ ଶିକ୍ଷକ, ଖବରଦାତା ଓ ଗ୍ରନ୍ଥକାର ଦିବାକର ବିଶ୍ୱାଳଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପଟ୍ଟାମୁଣ୍ଡାଇର କସ୍ତୁରୀ କଳାନିକେତନରେ ଅନୁଷ୍ଠିତ ହୋଇଯାଇଛି। କଳାନିକେତନ ସଭାପତି ଆଇନଜୀବୀ ପ୍ରମୋଦ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ଡ. ନାରାୟଣ ପ୍ରସାଦ ଜେନା, କବି ସଚିତ୍ର କୁମାର ବେହୁରା, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ତଥା କାଉନସିଲର ଗୋପିବଲ୍ଲଭ ନାୟକ, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ବିଶ୍ୱାଳ ଜଣେ ଶିକ୍ଷକ ଭାବେ ବିଶେଷ ସୁନାମ ଅର୍ଜନ କରିବା ସହ ସାହିତ୍ୟିକ ଭାବେ ତାଙ୍କ ସୃଷ୍ଟି ପାଠକୀୟ ଆଦୃତି ଲାଭ କରିଥିଲା। ଯେ ପକ୍ଷୀ ଉଡେ ଯେତେ ଦୂର, ଆମେ କାପୁରୁଷ ଓ ମୁକ୍ତି ସଂଗ୍ରାମ ଭଳି ପୁସ୍ତକ ସେ ରଚନା କରିଥିଲେ। ସାରସ୍ୱତ ସାଧନା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ ହୋଇଥିଲେ। ସେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ, ପଟ୍ଟାମୁଣ୍ଡାଇ ବୋଇତ ବନ୍ଦାଣ ସମିତି, ପଟ୍ଟାମୁଣ୍ଡାଇ ସ୍ୱାଧୀନତା ଦିବସ ପାଳନ କମିଟି, କସ୍ତୁରୀ କଳା ନିକେତନ, ପୁସ୍ତକ ମେଳା କମିଟି, ଚେତନା ସାହିତ୍ୟ ସଂସଦର ସମେତ ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ଏହି ସଭାରେ ଅନ୍ୟମାନଙ୍କ ଭିତରେ ସାମାଜିକ କର୍ମୀ କିଶୋର ସ୍ୱାଇଁ, କସ୍ତୁରି ସମ୍ପାଦକ କୃପାସିନ୍ଧୁ ନାୟକ, ଆଇନଜୀବୀ ଶିଶିର ମଲିକ ପ୍ରମୁଖ ଦିବାକର ସାରଙ୍କ ସହ ନିଜ ନିଜର ଅନୁଭୂତି ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶରତ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପେଟ୍ରୋଲ ପମ୍ପଗୁଡ଼ିକରେ ଅପମିଶ୍ରଣକୁ ନେଇ ଚିନ୍ତା

## ଅଗ୍ନି ନିର୍ବାପକ ବ୍ୟବସ୍ଥା ହେଉନି, ରହୁନି କଟକଣା

ଜଗତ୍‌ସିଂହପୁର, ୨୯।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଥିବା ପେଟ୍ରୋଲ ପମ୍ପଗୁଡିକରେ ଅପମିଶ୍ରଣ ବଢ଼ିଚାଲିଛି। ଏନେଇ ଯାନବାହାନ ଖରାପ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରତିକାର ହେଉନାହିଁ ବରଂ ଅପମିଶ୍ରଣର ମାଧ୍ୟମ ନାଫ୍‌ଥା କଳାବଜାର ବଢ଼ିବାରେ ଲାଗିଛି। ଜିଲାରେ ଏହାର ଚୋରାଚାଲାଣ ରାକେଟ୍ ସକ୍ରିୟ ଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ରାକେଟ୍, ପେଟ୍ରୋଲ ପମ୍ପ ମାଲିକ ଓ ଅସାଧୁ ତୈଳ କମ୍ପାନୀ କର୍ମଚାରୀଙ୍କ ଯୋଗୁ ଅପମିଶ୍ରଣ ବଢ଼ିଚାଲିଛି। କେବଳ ଏତିକି ନୁହେଁ, ପେଟ୍ରୋଲ ପମ୍ପଗୁଡିକର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଅଗ୍ନି ନିର୍ବାପକ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେଉଥିଲେ ସୁଦ୍ଧା ଜିଲାର ଏକାଧିକ ପେଟ୍ରୋଲ ପମ୍ପ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଗ୍ୟାସୋଲିନ୍ ଏବଂ ଡିଜେଲର ନିକଟବର୍ତ୍ତୀ କେତେକ ତୈଳପଦାର୍ଥ ରହିଛି, ଯାହାର ମୂଲ୍ୟ ଯଥେଷ୍ଟ କମ୍। ଏହାକୁ ଡିଜେଲ, ପେଟ୍ରୋଲରେ ଅପମିଶ୍ରଣ କରାଗଲେ ଲାଭ ଅଧିକ। ତେଣୁ ଏହାର ବ୍ୟବହାର ହେଉଛି। ସେହିପରି ପେଟ୍ରୋଲ, ଡିଜେଲ ଟ୍ୟାଙ୍କର ଓ ପେଟ୍ରୋଲ ପମ୍ପଗୁଡିକରେ ମଧ୍ୟ ଅପମିଶ୍ରଣ ହେଉଛି। ପେଟ୍ରୋଲ ପମ୍ପ ମାଲିକ, ଦଲାଲ, ସରକାରୀ କର୍ମଚାରୀ ଓ ଅପମିଶ୍ରଣ ତୈଳ ଆଦି ବିକ୍ରି କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏସବୁ ଘଟୁଛି। ଡିଜେଲ, ପେଟ୍ରୋଲ ଆଦିରେ ଅପମିଶ୍ରିତ ହେଉଥିବା ନାଫ୍‌ଥା ପାରାଦୀପସ୍ଥିତ ଭାରତୀୟ ତୈଳ ବିଶୋଧନାଗାର (ଆଇଓସିଏଲ୍) ସମେତ ଅନ୍ୟତ୍ର ଉପଲବ୍ଧ ହେଉଛି। ରାସାୟନିକ ସାର ପ୍ରସ୍ତୁତ ସମୟରେ ନାଫ୍‌ଥାର ଆବଶ୍ୟକ ଥାଏ। ତେଣୁ ପାରାଦୀପ ସମେତ ଅନ୍ୟ ସାର କମ୍ପାନୀଗୁଡ଼ିକ ଏହା କିଣିଥାନ୍ତି। ପେଟ୍ରୋଲରେ ନାଫ୍‌ଥା ଅପମିଶ୍ରଣ କରାଯାଉଛି। ନାଫ୍‌ଥା କିପରି ପେଟ୍ରୋଲ ପମ୍ପଗୁଡିକରେ ପହଞ୍ଚୁଛି ସେ ସମ୍ପର୍କରେ ତଦନ୍ତ କଲେ ଅନେକ ରହସ୍ୟ ପଦାକୁ ଆସିବ। ଆଣ୍ଟି ଆଡଲ୍‌ଟରେଶନ୍ ସେଲ୍ ଅଫ୍ ଇଣ୍ଡିଆ ଅନୁଯାୟୀ ଗ୍ୟାସୋଲିନ୍ ପାଇଁ ନାଫ୍‌ଥା ହେଉଛି ଏକ ସାଧାରଣ ଅପମିଶ୍ରଣର ମାଧ୍ୟମ। ଏହାବାଦ୍ କୌଣସି ସମ୍ବେଦନଶୀଳ ସ୍ଥାନରେ ପେଟ୍ରୋଲ ପମ୍ପ କରାଯିବା ଉପରେ ଅଙ୍କୁଶ ରହିଛି। ଯେଉଁଠାରେ ପମ୍ପ ପାଇଁ ଅନୁମତି ଦିଆଯାଏ, ସେଠାରେ କି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ସେ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରାଯାଏ। ବିଶେଷକରି ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏଥିସହ ପେଟ୍ରୋଲ ବିତରଣ ଯନ୍ତ୍ର (ଡିସ୍ପେନ୍‌ସିଭ୍ ୟୁନିଟ୍), ପରିସୀମାରେ ପାଚେରି, ଟ୍ରାନ୍ସଫର୍ମର ଚାରିପଟେ ତାରବାଡ଼, ଟ୍ରକ୍ ଲୋଡ୍ ଏବଂ ଅନ୍‌ଲୋଡ୍ ସ୍ଥଳ(ଡିକାଣ୍ଟେଶନ୍ ପଏଣ୍ଟ)ରେ ସ୍ୱତନ୍ତ୍ର ଭାବେ ଚିହ୍ନ ଦିଆଯିବା ଏବଂ ବାଲିପୂର୍ଣ୍ଣ ଅଗ୍ନି ନିର୍ବାପକ ବାଲ୍‌ଟି (ଫାୟାର ବକେଟ୍‌ସ) ଆଦି ସୁବ୍ୟବସ୍ଥିତ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ପେଟ୍ରୋଲ ପମ୍ପ ପରିସର ସଫା ରଖାଯିବା ସହ ଭେଣ୍ଟ ପାଇପ୍ (ପେଟ୍ରୋଲ ଗଚ୍ଛିତ ସ୍ଥଳରୁ ଉପରକୁ ଯାଇଥିବା ପାଇପ୍) ଯେପରି ଖରାପ ନ ହୁଏ ସେଥିପ୍ରତି ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଜିଲାରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ବିଶେଷକରି ଜଗତ୍‌ସିଂହପୁର ଏବଂ ପାରାଦୀପ ଭଳି ଜନଗହଳିପୂର୍ଣ୍ଣ ସହରରେ ନିୟମ ଉଲ୍ଲଂଘନ କରାଯିବା ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସାରା ଜିଲାରେ ଆଇଓସିଏଲ୍‌ର ୨୨ଟି ପେଟ୍ରୋଲ ପମ୍ପ ରହିଛି। ତାବାଦ୍ ଅନ୍ୟ କମ୍ପାନୀର ପେଟ୍ରୋଲ ପମ୍ପ ମଧ୍ୟ ଅଛି। ସେଥିରୁ ଜଗତ୍‌ସିଂହପୁରରେ ୮ପମ୍ପ ଅଛି। ଏସବୁ ପେଟ୍ରୋଲ ପମ୍ପରୁ ଏକାଧିକରେ ଅଗ୍ନି ନିର୍ବାପକ ଓ ଅନ୍ୟ ବ୍ୟବସ୍ଥା ନାହିଁ। ନିୟମ ଅନୁଯାୟୀ ଡିସ୍‌ପେନ୍‌ସିଭ୍ ୟୁନିଟ୍‌ରେ ଯେତୋଟି ନୋଜଲ୍ (ପେଟ୍ରୋଲ ଦିଆଯାଉଥିବା ପାଇପ୍‌ରେ ଥିବା ଯନ୍ତ୍ର) ଲାଗିଥାଏ, ସେତିକି ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିବା କଥା। କିନ୍ତୁ ତାହା କରାଯାଇନାହିଁ। ଏକାଧିକ ପେଟ୍ରୋଲ ପମ୍ପ ପରିସୀମାରେ ପାଚେରି ନାହିଁ। ଗାଡ଼ିରେ ପେଟ୍ରୋଲ ଭରିବାକୁ ଯାଉଥିବା ଲୋକମାନଙ୍କ ସଚେତନ ପାଇଁ ଏହି ପରିସରରେ ଭଲ ଭାବେ ସାଇନେସେସ୍ (ସଚେତନତା ବାର୍ତ୍ତା) ଲଗାଯିବା ନିୟମକୁ ଉଲ୍ଲଂଘନ କରାଯାଉଛି। ଟ୍ରାନ୍ସଫର୍ମର ଚାରିପଟେ ତାରବାଡ଼ କିମ୍ବା ପାଚେରି କରାଯାଉନାହିଁ। ପେଟ୍ରୋଲ ରଖାଯାଉଥିବା ସ୍ଥାନ ପାର୍ଶ୍ୱରେ ଏହା ପରିବହନ କରି ଆଣୁଥିବା ଟ୍ରକ୍‌ଗୁଡ଼ିକ ଛିଡ଼ା ହେବା ପାଇଁ ଡିକାଣ୍ଟେଶନ୍ ପଏଣ୍ଟ କରାଯିବା ଜରୁରୀ। କାରଣ ଅନେକ ସମୟରେ ପେଟ୍ରୋଲ ଟ୍ରକ୍‌ରୁ ପାଇପ୍ ସାହାଯ୍ୟରେ ଏହା ଗଚ୍ଛିତ ବୃହତ୍ ଟାଙ୍କିରେ ଭରାଯାଉଥିବାବେଳେ ବୈଦ୍ୟୁତିକ କ୍ରିୟା ସୃଷ୍ଟି ହୋଇଥାଏ। ଏହି ସମୟରେ ଯେଭଳି କିଛି ଅଘଟଣ ନ ଘଟିବ ସେଥିନେଇ ଡିକାଣ୍ଟେଶନ୍ ପଏଣ୍ଟକୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥାଏ। ଏହି ପଏଣ୍ଟରେ ଆର୍ଥିଂ ବ୍ୟବସ୍ଥା ଥାଏ। ବାହାର ଗାଡ଼ି ଏହା ଭିତରକୁ ପ୍ରବେଶ ମନା। ଟିକେ ଅସାବଧାନ ହେଲେ ଅଗ୍ନିକାଣ୍ଡ ଘଟି ବଡ଼ଧରଣର ବିସ୍ଫୋରଣ ହେବାର ଆଶଙ୍କା ରହିଛି। କିନ୍ତୁ ଅନେକ ପେଟ୍ରୋଲ ପମ୍ପ ଏହି ସ୍ଥାନକୁ ଗୌଣ ମନେକରୁଛନ୍ତି। ପ୍ରତି ଅଗ୍ନି ନିର୍ବାପକ ଯନ୍ତ୍ର ପାଇଁ ଗୋଟିଏ ବାଲିପୂର୍ଣ୍ଣ ଅଗ୍ନି ନିର୍ବାପକ ବାଲ୍‌ଟି ରହିବା ନିୟମ ରହିଛି। ପେଟ୍ରୋଲ ପମ୍ପ ଭିତରକୁ ଯାଇଥିବା ସଂଯୋଗୀକରଣ ରାସ୍ତା ଭଲ ରହିବା ସଙ୍ଗେସଙ୍ଗେ ଏହାର ପରିସର ପରିଷ୍କାର ଏବଂ ଭେଣ୍ଟ ପାଇପ୍ ଠିକ୍ ରଖାଯିବା ଉପରେ ଗୁରୁତ୍ୱାରୋପ କରାଯିବା ପରିବର୍ତ୍ତେ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଅନେକ ସ୍ଥାନରେ ଭେଣ୍ଟ ପାଇପ୍‌ରେ ରଙ୍ଗ ବୋଳାଯାଉ ନ ଥିବାରୁ ଏହା କଳଙ୍କି ଲାଗି ବଙ୍କା ହୋଇଗଲାଣି। ଏଭଳି ରହିଲେ ଆକସ୍ମିକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ସହକାରୀ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ପାଢ଼ୀଙ୍କୁ ପଚାରିବାରୁ ଯେଉଁ ପେଟ୍ରୋଲ ପମ୍ପ ମାଲିକମାନେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିନାହାନ୍ତି ସେମାନଙ୍କୁ ବାରମ୍ବାର ନୋଟିସ ହେଉଛି। ନୋଟିସ ମୁତାବକ କେତେଜଣ ମଧ୍ୟ ପ୍ରତିକାର ବ୍ୟବସ୍ଥା କଲେଣି ବୋଲି କହିଛନ୍ତି।

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଧନରେ,
ତୋ ଅବର୍ତ୍ତମାନରେ କେମିତି କଟିଛି ମୋର ସାତ'ଟି ଅଶ୍ରୁଳ ବର୍ଷ କାହାକୁ କହିବି? ସେଦିନ ସେଇ ବକୁଳ ଅମାବାସ୍ୟାରେ ସମୁଦ୍ରର ଉତ୍ତାଳ ଉର୍ମି ମୋ ପାଖରୁ ତୋତେ ଟାଣି ନେଇଗଲା ପୃଥିବୀରୁ ଆକାଶକୁ । ଅମା ଅନ୍ଧାର ଭିତରେ ହଜିଗଲା ମୋର ବଞ୍ଚିବାର ସବୁତକ ରାସ୍ତା । ଏତେ ଲୋକଙ୍କ ଭିଡ ଭିତରେ ତୁ ଆଉ ଦିଶୁନୁ। ଛୋଟୁରେ ତୁ ଥିଲୁ ମୋର ପ୍ରତିଟି ପଲକର ପୁଲକ, ମୋ ସ୍ୱପ୍ନର ପ୍ରତୀକ । ଆଜି ଯେଉଁଠି ଅଛୁ ତୁ ଭଲରେ ଥା । ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନାକୁ ପାଥେୟ କରି ମୁଁ ଯାହା ବଞ୍ଚିଛି ।

✓ ପ୍ରତୀକ ମହାପାତ୍ର
ଆର୍ବିଭାବ: ୦୪.୦୨.୧୯୯୯
ତିରୋଧାନ: ୧୭.୧୨.୨୦୧୭
(ବକୁଳ ଅମାବାସ୍ୟା)

ତୋର ହତଭାଗିନୀ 'ମା' (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଈ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା।୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା।୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା।୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା।୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425





ରବିବାର ନୟାଗଡ଼ ଜିଲା ରଣପୁର ବ୍ଲକ କାଣ୍ଡପଡ଼ା ଗ୍ରାମରୁ ଫେରୁଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣେ ଚାଷୀ ଗଜା ହୋଇଥିବା ଧାନ ଦେଖାଉଛନ୍ତି। କାଣ୍ଡପଡ଼ା ଗ୍ରାମର ଏକ କ୍ଷେତରେ ଗଜା ହୋଇଥିବା ଧାନ।

# ବର୍ଷର ଶେଷ ରବିବାର ନୀଳମାଧବଙ୍କ ପୀଠରେ ଅସମ୍ଭାଳ ଭିଡ଼

- ପ୍ରଶାସନିକ ଅବହେଳା,ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ
- ପାନୀୟ ଜଳ,ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ହଟହଟା
- ସେବାୟତଙ୍କ ଉଦ୍ୟମରେ ଶୃଙ୍ଖଳିତ ଦର୍ଶନ କଲେ ଶ୍ରଦ୍ଧାଳୁ

ଖଣ୍ଡପଡ଼ା,୨୯।୧୨
(ଅଜୟ କୁମାର ମହାରଣା)



ବର୍ଷର ଶେଷ ରବିବାର ଥିବାରୁ ଆଜି କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା । ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ହେଲେ ଯାତ୍ରୀମାନଙ୍କ ଭିଡ଼କୁ ନିୟନ୍ତ୍ରଣ କରିବାକୁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା । ଫଳରେ ଛୋଟ ପିଲା ଓ ବୟସ୍କଙ୍କୁ ସୁରକ୍ଷା ଦେବାକୁ ଶ୍ରଦ୍ଧାଳୁମାନଙ୍କୁ ନାକେଦମ୍ ହେବାକୁ ପଡିଥିଲା। ବାଧ୍ୟ ହୋଇ ନୀଳମାଧବ ପୂଜକ ସମାଜ ପକ୍ଷରୁ ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମିଶ୍ର, ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସେବାୟତମାନେ ଯାତ୍ରୀମାନଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବା ପାଇଁ ବ୍ୟବସ୍ଥା କରିଥିଲେ। ଏହାପରେ ୪ରୁ ୫ଟି ଧାଡ଼ି କରାଇ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀଜୀଉଙ୍କ ଦର୍ଶନ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ରଣପୁରରେ ଥିଲେ। ଫାଣ୍ଡିରେ ଆବଶ୍ୟକ ଷ୍ଟାଫ୍ ନ ଥିବାରୁ ସେ ହାତ ଟେକି ଦେଇଥିଲେ। ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହି ଚୁପ୍ ରହିଥିଲେ। ବିଳମ୍ବରେ ଜଣେ ମାତ୍ର ପୋଲିସ କର୍ମଚାରୀ ମନ୍ଦିର ପରିସରରେ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷେ ଆବଶ୍ୟକ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରି କି ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାରଟିଏ ନ ଥିବାରୁ ସମସ୍ୟା ବଢ଼ିଥିଲା । ଅପରପକ୍ଷେ ଯାତ୍ରୀ ଓ ପର୍ଯ୍ୟଟକମାନେ ମହାନଦୀ ପାର୍ଶ୍ୱ କଣ୍ଟିଲୋ ଯାତ୍ରାପଦା ବଜାର ଦେଇ ମନ୍ଦିର ପଶ୍ଚିମପାର୍ଶ୍ୱକୁ ଗାଡ଼ିରେ ଯାଉଥିବା ବେଳେ ପାର୍କିଂ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଯାତ୍ରୀମାନେ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜିତ୍



@ ଅଶୋକ



@ ପୂଜା



@ ସୁକାନ୍ତି



@ ସୁନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ମହୋତ୍ସବ ଉଦ୍‌ଯାପିତ

- ୭୦ ଲକ୍ଷ ବଜେଟକୁ ୧ କୋଟି ୨୩ ଲକ୍ଷ ଟଙ୍କାର ବ୍ୟବସାୟ
- ବାଉଁଶରାଣୀ ଖେଳ ଦର୍ଶକଙ୍କ ମନ ମୋହୁଛି

ନୟାଗଡ଼,୨୯।୧୨(ଲୋକନାଥ ମିଶ୍ର)



ନୟାଗଡ଼ ଷ୍ଟାଡିୟମରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ନୟାଗଡ଼ ଜିଲା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଚଳିତ ବର୍ଷ ମହୋତ୍ସବରେ ପଲ୍ଲୀଶ୍ରୀ, କୃଷି, ଯାନ୍ତ୍ରିକ ଓ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା । ମହୋତ୍ସବରେ ୭୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ବଜେଟ୍ ରହିଥିଲା । ତେବେ ୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ ହୋଇଥିବାବେଳେ ଅନ୍ୟ ଦିନ ପାଇଁ ଖର୍ଚ୍ଚ ନାହିଁ । ଏଭଳିସ୍ଥଳେ ମହୋତ୍ସବରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ପ୍ରଶାସନ ସୂଚନା ଦେଇନାହିଁ। ତେବେ ୧ କୋଟି ୨୩ ଲକ୍ଷ ୬୪ ହଜାର ୨୪୨ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି ।

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ୩ ଲକ୍ଷ ୨୦ ହଜାର ୩୨୦ ଟଙ୍କା, ୨୫ରେ ୩ ଲକ୍ଷ ୭ ହଜାର ୬୭୦ଟଙ୍କା, ୨୬ରେ ୨୧ ଲକ୍ଷ ୬୯ ହଜାର ୭୭୦ ଟଙ୍କା, ୨୭ରେ ୨୬ ଲକ୍ଷ ୩୨ ହଜାର ୪୭୦ ଟଙ୍କା, ୨୮ରେ ୩୯ ଲକ୍ଷ ୩୯ ହଜାର ୩୨ ଟଙ୍କା , ୨୯ରେ ୨୯ ଲକ୍ଷ ୯୪ ହଜାର ୯୮୦ ଟଙ୍କା ବ୍ୟବସାୟ ହୋଇଛି ।୨୪, ୨୫ ଓ ୨୬ ତାରିଖ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ବର୍ଷା ଯୋଗୁ ୨୪ ଓ ୨୫ରେ ଭଲ ବ୍ୟବସାୟ ହୋଇ ନ ଥିଲା । ୨୬ରେ ଭଲ ପାଗ ଯୋଗୁ ଭଲ ବ୍ୟବସାୟ ହୋଇଥିଲା । ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ୨୭ ତାରିଖରୁ ଉଦ୍‌ଯାପନ ଉତ୍ସବ ପର୍ଯ୍ୟନ୍ତ ବନ୍ଦ ରହିଥିଲା । ହେଲେ ବ୍ୟବସାୟ ଚାଲୁ ରହିଥିଲା । ମହୋତ୍ସବର କେତେଜଣ ବ୍ୟବସାୟୀଙ୍କ ମତ ପାଗ ଖରାପ ଯୋଗୁ ବ୍ୟବସାୟ ମାନ୍ଦା ହୋଇଗଲା। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପରଲୋକ ପୁଣି ବ୍ୟବସାୟରେ ମାନ୍ଦା ଆସିଥିଲା । ଅପରପକ୍ଷେ ସାଂସ୍କୃତିକ ଆସର ନ ଥିବାବେଳେ ଛତିଶଗଡର ୯ ବର୍ଷର ବାଳିକାଙ୍କ ବାଉଁଶରାଣୀ ଖେଳ ବେଶ ଚିତାକର୍ଷକ ହୋଇଛି । ଦର୍ଶକ ବାଉଁଶରାଣୀ ଖେଳ ଦେଖି ମଜା ଉଠାଇଛନ୍ତି।

## ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ରଣପୁର,୨୯।୧୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଶ୍ୟାମଘନପୁର ଗ୍ରାମର ପାହାଡ଼ରେ ଥିବା ମା'ତାରିଣୀଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ମନେ ପକାଇଥିଲେ। କେତେଜଣ ଦିବଂଗତ ବନ୍ଧୁଙ୍କ ସ୍ମୃତିକୁ ମନେ ପକାଇ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହାପରେ ସମସ୍ତ ବନ୍ଧୁମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଯଦି କୌଣସି ସହପାଠୀଙ୍କ ଅକାଳ ବିୟୋଗ ହୁଏ ସହପାଠୀମାନଙ୍କ ଦ୍ୱାରା ସଂଗ୍ରହ ହୋଇଥିବା ଅର୍ଥରାଶିରୁ ୧୦ ହଜାର ଟଙ୍କା ଦେବାପାଇଁ ପୂର୍ବ ନିଷ୍ପତ୍ତିକୁ କାଏମ ରଖାଯାଇଥିଲା । ଶେଷରେ ଏକ ଭୋଜିର ଆୟୋଜନ କରାଯାଇଥିଲା । ଏହି ବନ୍ଧୁ ମିଳନ ଉତ୍ସବକୁ ଅଶୋକ କୁମାର ମିଶ୍ର , ପିତାମ୍ବର ଡାକୁଆ , ଗୋପାଳ କୃଷ୍ଣ ଅଗ୍ରୱାଲା , ରମେଶ ଚନ୍ଦ୍ର ରାଉତଙ୍କ ସମେତ ସମସ୍ତ ସହପାଠୀ ସହଯୋଗ କରିଥିଲେ ।

## ଜେଲ ଗଲେ ଅଟକ ଅଭିଯୁକ୍ତ

ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂପୋଡ଼ି ଘଟଣା

ନୟାଗଡ଼,୨୯।୧୨(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋ ଥିବା ହୋର୍ଡିଂ ପୋଡ଼ିବା ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ଅଟକ ରଖିଥିବା ଲେଙ୍କୁଡିପଡା ଗାଁର ଜିତେନ କୁମାର ମହାନ୍ତି ଓରଫ ପିଣ୍ଟୁ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ପିଣ୍ଟୁଙ୍କୁ ରବିବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ମହୋତ୍ସବକୁ ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ଲାଗିଥିଲା। ତେବେ କେତେକ ହୋର୍ଡିଂକୁ ଚିରା ଯାଇଥିବାବେଳେ ପୋଡ଼ା ବି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ୪୭୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଗତ ୨୭ ତାରିଖ ବିଳମ୍ବିତ ରାତିରେ କଲେଜ ଗଡାଣିଆରେ ରହିଥିବା ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂରେ ନିଆଁ ଲଗାଇ ପୋଡ଼ାଯାଉଥିବା ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ପିଣ୍ଟୁଙ୍କୁ ଗିରଫ କରିଥିଲା ।

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଧନରେ,
ତୋ ଅବର୍ତ୍ତମାନରେ କେମିତି କଟିଛି ମୋର ସାତ'ଟି ଅଶ୍ରୁଳ ବର୍ଷ କାହାକୁ କହିବି ? ସେଦିନ ସେଇ ବକୁଳ ଅମାବାସ୍ୟାରେ ସମୁଦ୍ରର ଉତ୍ତାଳ ଉର୍ମି ମୋ ପାଖରୁ ତୋତେ ଟାଣି ନେଇଗଲା ପୃଥିବୀରୁ ଆକାଶକୁ । ଅମା ଅନ୍ଧାର ଭିତରେ ହଜିଗଲା ମୋର ବଞ୍ଚିବାର ସବୁତକ ରାସ୍ତା । ଏତେ ଲୋକଙ୍କ ଭିଡ ଭିତରେ ତୁ ଆଉ ଦିଶୁନୁ। ଛୋଟୁରେ ତୁ ଥିଲୁ ମୋର ପ୍ରତିଟି ପଲକର ପୁଲକ, ମୋ ସ୍ୱପ୍ନର ପ୍ରତୀକ । ଆଜି ଯେଉଁଠି ଅଛୁ ତୁ ଭଲରେ ଥା । ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନାକୁ ପାଥେୟ କରି ମୁଁ ଯାହା ବଞ୍ଚିଛି ।

✓ ପ୍ରତୀକ ମହାପାତ୍ର
ଆର୍ବିଭାବ: ୦୪.୦୨.୧୯୯୯
ତିରୋଧାନ: ୧୭.୧୨.୨୦୧୭
(ବକୁଳ ଅମାବାସ୍ୟା)

ତୋର ହତଭାଗିନୀ 'ମା' (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ

## ରଘୁନାଥ ବିଦ୍ୟାପୀଠ ଛାତ୍ରଙ୍କ ବାର୍ଷିକ ବନ୍ଧୁ ମିଳନ

ଓଡ଼ଗାଁ,୨୯।୧୨
( ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ୧୯୮୩ ମାଟ୍ରିକ ବ୍ୟାଚ୍ ଛାତ୍ରମାନଙ୍କ ଷଷ୍ଠ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓଡ଼ଗାଁ ନିକଟ ବୁଢ଼ାବୁଢ଼ୀଆଣି ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଏକାଠି ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ପ୍ରମୋଦ କୁମାର ପାତ୍ର, ଉପେନ୍ଦ୍ର ଗନ୍ତାୟତ, ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ପ୍ରଦୀପ ମହାପାତ୍ର ଓ ମୀନକେତନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ ଛାତ୍ର ଅତୀତର ସ୍ମୃତିକୁ ମନେ ପକାଇ ଥିଲେ । ସେହିପରି ଉକ୍ତ ବିଦ୍ୟାଳୟର ୧୯୮୭ ବ୍ୟାଚ ଛାତ୍ରମାନେ ଓଡ଼ଗାଁ ରାମ ସାଗର ପାର୍କରେ ଏକାଠି ହୋଇଥିଲେ । ୮୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଭୋଜିଭାତ ଅନୁଷ୍ଠିତ ହୋଇଥିଲା । ସେହିପରି ୧୯୮୮ଛାତ୍ରମାନେ ଓଡ଼ଗାଁ ସରକାରୀ କଲ୍ୟାଣୀ ମଣ୍ଡପରେ ଏକାଠ ହୋଇ ମଜା ଉଠାଇଥିଲେ ।

# ଏସ୍‌ଏସ୍‌ବି ଟିମ୍ ଚାମ୍ପିୟନ

## ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

ଶରଣକୁଳ,୨୯।୧୨(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆଦିଲ୍ଲୀର ଏସ୍‌ଏସ୍‌ବି ଟିମ୍ ଚାମ୍ପିୟନ ହୋଇଛି । ଶରଣକୁଳ ସ୍ପୋର୍ଟସ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଏସ୍‌ଏସ୍‌ବି ଟିମ୍ ଟାଇ ବ୍ରେକରରେ ୪-୩ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି।

ଭରପୁର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଆଜିର ପ୍ରଥମାର୍ଦ୍ଧ ମ୍ୟାଚ୍‌ର ୬ମିନିଟ୍‌ରେ ନୂଆଦିଲ୍ଲୀର ୩୫ନଂ. ଖେଳାଳି ଏସ୍ ରଞ୍ଜିତଙ୍କ ଗୋଲ ପରେ ୧୯ ମିନିଟରେ ୯ନଂ.ଖେଳାଳି ସୁମିଲା ଚାନୁ ଅନ୍ୟ ଏକ ଗୋଲ ସ୍କୋର କରିଥିଲେ। ଏହାପରେ ଦଳ ୨-୦ ଆଗୁଆ ଥିଲା। ଖେଳର ଦ୍ୱିତୀୟାର୍ଦ୍ଧର ୩୫ ମିନିଟ୍‌ରେ ଓଡ଼ିଶା ପୋଲିସର ୧୩ନଂ. ଖେଳାଳି ମନୀଷା ନାଏକ ଏକ



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଗୋଲ ସ୍କୋର କରିଥିଲେ । ଖେଳ ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ୮ନଂ. ଖେଳାଳି ସୁମିତ୍ରା ହେମ୍ବ୍ରମ ନାଏକ ଆଉ ଗୋଟିଏ ଗୋଲ ଦେଇଥିଲେ । ଫଳରେ ଉଭୟ ଦଳ ୨-୨ ସ୍ଥିତିରେ ରହିଥିଲେ ।ପରେ ଟାଇ ବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ନୂଆଦିଲ୍ଲୀ ଟିମ୍ ୪-୩ ଗୋଲରେ ବିଜୟୀ ହୋଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ସମ୍ମାନିତ ଅତିଥି ସାମାଜିକକର୍ମୀ ସନ୍ତୋଷ କୁମାର ପାତ୍ର, ବଡଗୋରଡା ସରପଞ୍ଚ ତ୍ରିଲୋଚନ ଦଳେଇ, ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ହରିହରପୁର ସରପଞ୍ଚ ବିଳାସିନୀ ମହାପାତ୍ର ଓ ବିଶେଷ ଆକର୍ଷଣ ଚଳଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ଯୋଗଦେଇ ମହିଳାମାନଙ୍କ ଖେଳକୁ ପ୍ରଶଂସା କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଚମ୍ପିୟାନ ଦଳକୁ ଟ୍ରଫି ସହ ୫୦ହଜାର ଟଙ୍କା ଓ ଉପବିଜେତା ଓଡ଼ିଶା ପୋଲିସ ଦଳକୁ ରନର୍ସ ଟ୍ରଫି ସହ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଓଡ଼ିଶା ପୋଲିସର କୋଚ୍ ଗୀତାଞ୍ଜଳି ଖଟୁଆ ଓ ଜାତୀୟସ୍ତରରେ ସ୍ଥାନ ପାଇଥିବା ଦଳର ୭ଜଣ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳିଭାବେ ନୂଆଦିଲ୍ଲୀର ଏସ ରଞ୍ଜିତା ଏବଂ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିଭାବେ ଓଡିଶା ପୋଲିସର ମନୀଷା ନାଏକଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ମୁଖ୍ୟ ରେଫେରି ଭାବେ ଚିତ୍ରାଙ୍ଗଦା ପାତ୍ର ଲାଇନରେ ଆରତୀ ପ୍ରଧାନ ଓ ବବଲୀ ଗଡ଼ନାୟକ ଏବଂ ୪ର୍ଥ ରେଫେରୀଭାବେ ବିଷ୍ଣୁପ୍ରିୟା ଦାଶ ଖେଳ ପରିଚାଳନା କରିଥିଲେ। ମହିଳା ଭାଷ୍ୟକାର ସ୍ନେହାସୀସା ମହାପାତ୍ର ଓ ଭବାନୀ ଶଙ୍କର ମହାପାତ୍ର ଖେଳର ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଓ ତାଙ୍କ ସାଥି କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଈ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅକଟଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

**ସଂକ୍ଷେପରେ**

## ମନମୋହନ ସିଂଙ୍କ ବିୟୋଗରେ ବଡ଼ଚଣା କଂଗ୍ରେସର ଶୋକ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୯।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ବଡ଼ଚଣା କଂଗ୍ରେସ ପକ୍ଷରୁ ଏକ ଶୋକସଭା ବାଲିଚନ୍ଦ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ ଉଦାରୀ କରଣ ଅର୍ଥନୀତି, ଖାଦ୍ୟ ସୁରକ୍ଷା ଯୋଜନା ଆଦି କାର୍ଯ୍ୟକ୍ରମ ମନମୋହନ ସିଂହଙ୍କୁ ସବୁଦିନ ପାଇଁ ଅମର କରି ରଖିବ ବୋଲି କହିଥିଲେ। ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ସାମଲ, ବିଳାସ ଚନ୍ଦ୍ର ବାରିକ, ଅଜୟ ଜେନା, ସେକ୍ ରିୟାସତ ଅଲ୍ଲି, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ଗଡ଼ନାୟକ, ସେକ୍ ଅବଦୁଲ ମଜିଜ, ବଟକୃଷ୍ଣ ଦାସ, ବିଶ୍ୱପ୍ରକାଶ ସାମଲ, ଶ୍ରୀକାନ୍ତ ମଲ୍ଲିକ, ଅଶୋକ ରାଉତ, ସଞ୍ଜୟ ରାୟ, ସନ୍ତୋଷ ପରିଡ଼ା, କାଳିକିଙ୍କର ସାମଲ, ଚାନ୍ଦ ଖାଁ ଓ ବିଚିତ୍ର ଜେନା ପ୍ରମୁଖ ବହୁ କର୍ମୀ ଯୋଗଦେଇ ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ରବୀନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ଶୋକ

ଯାଜପୁରରୋଡ୍, ୨୯।୧୨ (ପବିତ୍ର ରଞ୍ଜନ ମହାନ୍ତି): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଯାଜପୁର ଜିଲା କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଆଇଏନଟିୟୁସିର ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି, ଜିଲା ସଭାପତି ରଘୁନାଥ ମାଝୀ, ସମ୍ପାଦକ ନିରଞ୍ଜନ ପରିଡ଼ା, ନାରାୟଣ ଚନ୍ଦ୍ର ନାୟକ ମହିନ୍ଦ୍ର ମହାପାତ୍ର ଓ ବିଦ୍ୟାଧର ଜେନା ପ୍ରମୁଖ ଶୋକବ୍ୟକ୍ତ କରି ଦେଶ ଜଣେ ଦକ୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ, ଶିକ୍ଷାବିତ ଏବଂ ଅର୍ଥନୀତିଜ୍ଞ ବ୍ୟକ୍ତିଙ୍କୁ ହରାଇଲା ବୋଲି କହିଛନ୍ତି।

## ଜିଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଧର୍ମଶାଳା, ୨୯।୧୨ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଯାଜପୁର ଜିଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ମହାସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପଦେଷ୍ଟା ଭିକାରି ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ବିଜୟ ବାରିକ, ସମ୍ପାଦକଭାବେ ଧନେଶ୍ୱର ବାରିକ, ରମେଶ ଚନ୍ଦ୍ର ନନ୍ଦ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ସଚିଦାନନ୍ଦ ମହାନ୍ତିଙ୍କୁ ଚୟନ କରାଯିବା ସହ ଏକ ୧୯ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ବିଭାଗୀୟ ଅସ୍ଥାୟୀ କର୍ମଚାରୀଙ୍କୁ ସରକାର ତୁରନ୍ତ ରେଗୁଲାର କରିବା ପାଇଁ ସଭ୍ୟମାନେ ଦାବି କରିଛନ୍ତି। ବୈଠକରେ ରାଜ୍ୟ ଉପସଭାପତି ସୁଦର୍ଶନ ପ୍ରଧାନ ଓ ଜିଲାର ସମସ୍ତ ବ୍ଲକ ଶାଖା କର୍ମକର୍ତ୍ତା ଏବଂ ସଭ୍ୟ ଯୋଗଦେଇଥିଲେ।

# ଲାବରେଟୋରି ରିପୋର୍ଟ ଦର୍ଶାଇଲା ନିମ୍ନମାନର ରାସ୍ତାକାମ

**ପୂର୍ତ୍ତ ବିଭାଗର ମଳିଆ-ବଳଭଦ୍ରପୁର ରାସ୍ତା**

- ୯୮% ସ୍ଥଳେ ୯୫.୨୮% ଜିଏସ୍‌ବି ନିର୍ମାଣ
- ୬.୩୪୮ କିମି ରାସ୍ତା ପାଇଁ ୨୧.୫୫ କୋଟି ଟଙ୍କା ମଞ୍ଜୁର
- ସଂଶୋଧନ କରିବାକୁ ପାଣିକୋଇଲି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ


ମଳିଆ-ବଳଭଦ୍ରପୁର ନିର୍ମାଣାଧୀନ ରାସ୍ତା ନିମ୍ନମାନର।

ଯାଜପୁର, ୨୯।୧୨ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ କୋଠାବାଡ଼ି(ଆର ଏଣ୍ଡ ବି) ତଥା ପୂର୍ତ୍ତ ଡିଭିଜନ ଅନ୍ତର୍ଗତ ମଳିଆ-ବଳଭଦ୍ରପୁର ଭାୟା କପିଳା ରାସ୍ତା କାର୍ଯ୍ୟର ଗୁଣବତ୍ତା ଅତି ନିମ୍ନମାନର ହୋଇଛି। ଏହା ସାଧାରଣରେ ଅଭିଯୋଗ ନୁହେଁ, ବିଭାଗୀୟ କଟକ ସେଣ୍ଟ୍ରାଲ ଲାବରେଟୋରି (ଆର ଏଣ୍ଡ ବି) ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଉକ୍ତ ରିପୋର୍ଟରେ ଆବଶ୍ୟକ ଗ୍ରାନୁଆଲ ସବ୍‌ବେସ୍(ଜିଏସ୍‌ବି) ମ୍ୟାଟେରିଆଲ୍ସ ୯୮% ସ୍ଥଳେ ୯୫.୨୮% ଗୁଣବତ୍ତାରେ କାର୍ଯ୍ୟ ହେଉଥିବା ଦର୍ଶାଯାଇଛି। ତେଣୁ ଉକ୍ତ ପରୀକ୍ଷା ରିପୋର୍ଟକୁ ଭିତ୍ତି କରି ରାଜ୍ୟ ଆର୍ ଏଣ୍ଡ ବି ବିଭାଗର ଚିଫ୍ ଇଞ୍ଜିନିୟର କିଶୋର କୁମାର ପଣ୍ଡା ୨ ସପ୍ତାହ ମଧ୍ୟରେ ଉକ୍ତ ପ୍ରକଳ୍ପର ସମସ୍ତ କାର୍ଯ୍ୟ ପରିଦର୍ଶନ କରି ଅନ୍ୟ ସ୍ଥାନଗୁଡ଼ିକର ନମୁନା ସଂଗ୍ରହ କରି ସମାନ ପରୀକ୍ଷା କରିବାକୁ ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ବୀରେନ୍ଦ୍ର କୁମାର ନାୟକଙ୍କୁ ଆବଶ୍ୟକ ସଂଶୋଧନ କରି ପଦକ୍ଷେପ ଗ୍ରହଣ କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ପାଣିକୋଇଲି ପୂର୍ତ୍ତ ଡିଭିଜନରେ କେବଳ ମଳିଆ ରାସ୍ତା ନୁହେଁ ଏକାଧିକ ନିର୍ମାଣାଧୀନ ରାସ୍ତାରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିଲେ ହେଁ ତଦନ୍ତ ଓ ତଦାରଖ କରାଯାଉନାହିଁ । ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କରାଗଲେ ମଧ୍ୟ ସେ ନୀରବ ରହୁଥିବା ଅଭିଯୋଗ ହେଉଛି।

ରିପୋର୍ଟ ଅନୁଯାୟୀ, ମଳିଆଠାରୁ ବଳଭଦ୍ରପୁର ରାସ୍ତା ନିର୍ମାଣ କାର୍ଯ୍ୟ ୨।୧।୨୦୨୪ରେ ଆରମ୍ଭ ହୋଇ ୧।୩।୨୦୨୫ ସୁଦ୍ଧା ସାରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଛି। ୬.୩୪୮ କିମି ଲମ୍ବ ଏହି ରାସ୍ତା ପାଇଁ ୨୧ କୋଟି ୫୫ ଲକ୍ଷ ୬୫ ହଜାର ୨୦୨ ଟଙ୍କା ମଞ୍ଜୁର ହୋଇଛି। ତେବେ ନିର୍ମାଣାଧୀନ ରାସ୍ତାରେ ବ୍ୟବହାର ହେଉଥିବା ମାଟି, ଜିଏସ୍‌ବି ଇତ୍ୟାଦି ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ଜଗନ୍ନାଥ କନ୍‌ସଲଟାନ୍ସିରେ ପରୀକ୍ଷା ହୋଇଥିଲା। ହେଲେ ପରୀକ୍ଷା ରିପୋର୍ଟରେ କାର୍ଯ୍ୟ ସନ୍ତୋଷଜନକ ହୋଇ ନ ଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପାଣିକୋଇଲି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ କରିଛନ୍ତି। ଏହାସହ ୱେଟ ମିକ୍ସ ମେକାଡମ(ଡବ୍ଲ୍ୟୁଏମଏମ୍) ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ସଂପୃକ୍ତ ଠିକାଦାରଙ୍କୁ ତୁରନ୍ତ ମରାମତି କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ହୋଇଛି। ଏହାସହ ଏହି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିୟମିତ ତଦାରଖ କରି ରେକର୍ଡ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏଭଳି ଭାବେ ବ୍ୟୟ ବହୁଳ ରାସ୍ତା ନିମ୍ନମାନର ହେଉଥିବାର ସରକାର ଅନେକ କୋଟି ଟଙ୍କା ରାଜସ୍ୱ ହରାଉଥିବା ମତପ୍ରକାଶ ପାଉଛି।

ଏଠାରେ ୧୬ନଂ.ଜାତୀୟ ରାଜପଥର ଷଠିପୁର-ଯାଜପୁର ପଟକୁ ବୁଢା ନଦୀ ବ୍ରିଜ ନିକଟ ପର୍ଯ୍ୟନ୍ତ ୩.୪୦୦ କିମି ୪ଲେନ ରାସ୍ତା ନିର୍ମାଣକୁ ମଧ୍ୟ ଉଦାହରଣ ଭାବେ ନିଆଯାଇପାରେ। ଏଥିପାଇଁ ୨୪.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଶୀର୍ବାଦ ଇଞ୍ଜିନିୟରିଂ ଏଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ହେଲେ ରାସ୍ତା ନିର୍ମାଣ ନ ସରୁଣୁ ଏକାଧିକ ସ୍ଥାନରେ ରାସ୍ତା ଧସି, ଫାଟି ବିପଦ ସଙ୍କୁଳ ହୋଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୁଣି ମରାମତି ହୋଇଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ବିଞ୍ଝାରପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ପରୀକ୍ଷା ରିପୋର୍ଟ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ସଂଶୋଧନ ବ୍ୟବସ୍ଥା କରାଯିବ। ଏନେଇ ଠିକାଦାରଙ୍କୁ ପରାମର୍ଶ ଦିଆଯାଇଛି।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଯାଜପୁର ଟାଉନ, ୨୯।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନେତୃମଣ୍ଡଳୀ ଓ କର୍ମୀ ଯୋଗଦେଇ ମନମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ସୁଦୀପ କର, ଅଞ୍ଚଳ ଦାସ, ଗଦାଧର ଦାସ, ପଦ୍ମାକର ଗୁରୁ, ଦିଲୀପ ଦାସ, କନକଲତା ରାଉତ, ଆଲୋକ ବେହେରା, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଅବଦୁଲ୍ ସଲିମ, ବିଭୁତି ମହାପାତ୍ର, କନକଲତା ମଲ୍ଲିକ, ହୃଷୀକେଶ ପତି, ଅକ୍ଷୟ ଶତପଥୀ, ସଂଗ୍ରାମ ଜେନା, ଯଯାତିକେଶରୀ ନାୟକ, ଚନ୍ଦ୍ରମଣି ପରିଡ଼ା, ବିଜୟ ମହାପାତ୍ର ଓ ଅଲେଖ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସଭାପତିଙ୍କ ଦ୍ୱାରା ଆୟୋଜିତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଜିଲା କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ଗାନ୍ଧିଛକଠାରେ ପହଞ୍ଚିଥିଲା। ସେଠାରେ ମନମୋହନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ସାମିଲ ହୋଇଥିଲେ।



ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ନେତା ଓ କର୍ମୀ ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଯାଜପୁରରୋଡ୍, ୨୯।୧୨ (ପବିତ୍ର ରଞ୍ଜନ ମହାନ୍ତି):

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନ୍‌ଟିୟୁସି)ର ଯାଜପୁର ଜିଲା ପକ୍ଷରୁ ବ୍ୟାସନଗରସ୍ଥିତ କାର୍ଯ୍ୟାଳୟଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ବିୟୋଗରେ ଶୋକସଭା ଓ ଏକ ଆଲୋଚନାଚକ୍ର ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ପରିକ୍ଷିତ ମଲିକ, ପଦ୍ମନାଭ ନାୟକ, ମହିନ୍ଦ୍ର କୁମାର ମହାପାତ୍ର ଓ ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ମୁକ୍ତି ଆନ୍ଦୋଳନରେ ଶହୀଦ ହୋଇଥିବା ବ୍ୟକ୍ତିବିଶେଷଙ୍କ ଗୁଣଗାନ କରିଥିଲେ। ଏଥିସହିତ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ଓ ଯୋଜନା ପ୍ରଣୟନ କରିଥିଲେ ବୋଲି କହିଥିଲେ। ସୁଦର୍ଶନ ତରାଇ ଧନ୍ୟବାଦ ଦେଇଥିଲେ।



କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ମା' ତାରିଣୀ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର।

ପାଣିକୋଇଲି, ୨୯।୧୨ (ବିକାଶ ମଲ୍ଲିକ):

ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି, ସମ୍ମାନିତ ଅତିଥିଭାବେ ଯୁକ୍ତ ଦୁଇର ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ କୈଳାସ ଚନ୍ଦ୍ର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ, ଅଧ୍ୟାପକ ଗୌରହରି ମହାପାତ୍ର, ସେମାନାଥ ପତି, ମଦନମୋହନ ପାତ୍ର, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ସତ୍ୟବ୍ରତ ଦାସ, ସନ୍ତୋଷ ଦାସ, ଅଧ୍ୟାପିକା କଲ୍ୟାଣୀ ସାମଲ, ଶକ୍ତିମୟୀ ଜେନା, କଳ୍ପନା ପଣ୍ଡା, ସଂଗୀତା ନନ୍ଦ, ସସ୍ମିତା ଦାସ, ସାଗରିକା ରଥ ଏବଂ ମନିଷା ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ଏହି କ୍ରୀଡ଼ାକୁ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ସମରେନ୍ଦ୍ର ଦାସ, ଶୁଭକାନ୍ତ ପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ର ବିଶ୍ୱଜିତ ମଲ୍ଲିକ, ଅବିନାଶ ରାଉତ, କ୍ରିଷ୍ଣପ୍ରିୟଦର୍ଶନୀ ସାହୁ, ସାଗରିକା ସାମଲଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ୨ ପରିବାରକୁ ଆର୍ଥିକ ସହାୟତା

ରସୁଲପୁର, ୨୯।୧୨ (ରଂଜିତ ରାଉତ):

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ ଓ ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ବଳରାମ ସାହୁ ଓ ପ୍ରହ୍ଲାଦ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉଭୟ ବ୍ୟକ୍ତି ଦିନ ମଜୁରିଆଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କର ମୃତ୍ୟୁ ହେବାପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଦୋହଲିଯାଇଛି। ପରିବାର ଲୋକେ ମୃତକଙ୍କ ଶୁଦ୍ଧିକ୍ରିୟା କରିବାରେ ଅର୍ଥ ବାଧକ ସାଜିଥିବା ଜାଣି ଉଭୟ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ହେଲ୍ପିଂ ହ୍ୟାଣ୍ଡସ ପକ୍ଷରୁ ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, କାର୍ଯ୍ୟକର୍ତ୍ତା ବିନୋଦ ମହାରଣା, ଅଶ୍ୱିନୀ ଦାସ, ସନ୍ତୋଷ କର, ଦାମୋଦର ମହାରଣା, ରବୀନ୍ଦ୍ର ରଣା ଓ ସରୋଜିନୀ ସ୍ମୃତି ସଂସଦର ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ପ୍ରମୁଖ ଉଭୟ ପରିବାର ନିକଟରେ ପହଞ୍ଚି ସହାୟତା ଯୋଗାଇ ଦେଇଛନ୍ତି।



# ପାଣିକୋଇଲିରେ ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ

ପାଣିକୋଇଲି, ୨୯।୧୨ (ବିକାଶ ମଲ୍ଲିକ):

ପାଣିକୋଇଲିରେ ଯାଜପୁରର ଭୂମିପୁତ୍ର, ମୁକୁଟ ବିହୀନ ସମ୍ରାଟ, ସାଲିସ ବିହୀନ ନେତା, କୋରାଇର ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ୧୬ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମା' ତାରିଣୀ ପୀଠରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ମୃତି ଚାରଣ ସଭା ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମା' ତାରିଣୀ ପୂଜକ ସୂର୍ଯ୍ୟମଣି ପଣ୍ଡା ବେଦ ପାଠ କରିଥିଲେ। ଅଶୋକ ଦାସ ଓ ତାଙ୍କ ସହଯୋଗୀ କିଶୋର ଚନ୍ଦ୍ର ମଲ୍ଲିକ, ଗଙ୍ଗାଧର ସାହୁ, ବାବାଜୀ କବି, ଧରଣୀଧର ଗଡାଇ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭକ୍ତବତ୍ସଳ ସ୍ୱାଇଁ, ଅଦ୍ୱୈତ୍ୟ ଚରଣ ଦାଶ, ବାବୁଲାଲ ଗୁରୁ, କଳ୍ପତରୁ ମହାପାତ୍ର, ବଳରାମ ସାହୁ, ବେଣୁଧର ଖଣ୍ଡାଇ,, ସନ୍ତୋଷ ବେହେରା, ଉମାକାନ୍ତ ଖଣ୍ଡାଇ ପ୍ରମୁଖ ଅଶୋକଙ୍କ ସ୍ମୃତି ଚାରଣ କରିଥିଲେ। କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ୩୧ରୁ କଳିଙ୍ଗନଗର ପୁସ୍ତକ ମେଳା

ଯାଜପୁରରୋଡ୍, ୨୯।୧୨ (ପବିତ୍ର ରଞ୍ଜନ ମହାନ୍ତି):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଯାଜପୁର ଜିଲା ପ୍ରଶାସନ ଏବଂ କଳିଙ୍ଗନଗର ପୁସ୍ତକ ମେଳା କମିଟି ମିଳିତ ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଏହା ଜାନୁଆରୀ ୫ ପର୍ଯ୍ୟନ୍ତ ଚାଲିବ। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସେଲିବ୍ରେସନ ମଣ୍ଡପଠାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ପୁସ୍ତକ ମେଳା କମିଟି ଅଧ୍ୟକ୍ଷ ସପନ ନନ୍ଦଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ମେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁସ୍ତକ ମେଳା ସ୍ଥାନୀୟ କାଳୀ ମେଲଣ ପଡିଆରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଅଂଶଗ୍ରହଣ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଆଞ୍ଚଳିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମେଳାକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ସ୍କୁଲ, କଲେଜ, ପାଠିକା, ପାଠକ, ଲେଖିକା, ଲେଖକ, ସାହିତ୍ୟ ସାଧକମାନେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। କମିଟି ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ କୁଶଚନ୍ଦ୍ର ପ୍ରଧାନ, ମୁଖ୍ୟ ଉପଦେଷ୍ଟା ସବିତା ରାଉତ, ହୃଷୀକେଶ ସାହୁ, ବିବେକାନନ୍ଦ ମହାନ୍ତି, ଚନ୍ଦ୍ରମଣି ସାମଲ, ଦୁଷ୍ମନ୍ତ ନାୟକ, ଅକ୍ଷୟ ପଣ୍ଡା, ଅଭିମନ୍ୟୁ ମିଶ୍ର, ପବିତ୍ର ରଞ୍ଜନ ମହାନ୍ତି, ରତ୍ନାକର ଜେନା, ଲଳିତା ସାହୁ, ଅଶ୍ୱିନୀ ଦାସ, ଅଜୟ ପଣ୍ଡା, ବିଜୟ ଶତପଥୀ, ବିକାଶ ଦାସ, ରାଜେନ୍ଦ୍ର ମହାରଣା, କ୍ଷଣାପ୍ରଭା ଧଳ, ଡ. ବାବାଜୀ ଚରଣ ଶତପଥୀ, ଜ୍ଞାନରଞ୍ଜନ ଓଝା, ସ୍ୱୟଂପ୍ରଭା ବେହେରା, ଶିଳ୍ପାନୁଷ୍ଠାନର ଅଧିକାରୀ ଓ ଅନ୍ୟ ସଦସ୍ୟ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାରେ କଳିଙ୍ଗନଗରର ସମସ୍ତ ଜନସାଧାରଣ ସହଯୋଗ କରିବାକୁ ସଭାପତି ମହାନ୍ତି ନିବେଦନ କରିଥିଲେ।



ପୁସ୍ତକମେଳା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା, ୨୯।୧୨ (ବଟକୃଷ୍ଣ ପରିଡ଼ା): ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୁମାରୀସ୍ଥିତ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ଯୋଗଦେଇ ମନମୋହନ ତାଙ୍କ ସମୟରେ ସୂଚନା ଅଧିକାର, ଶିକ୍ଷା ଅଧିକାର, ଆଧାର, ଭୋଜନ ଅଧିକାର ପ୍ରଣୟନ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବସନ୍ତ ପରିଡ଼ା, ସଞ୍ଜୟ ରାଉତ, ଦୀପକ ବଳ, ଗଗନ ବିହାରୀ ରାଉତ, ନକୁଳ ଜେନା, ବାବୁ ଖାଁ, ସେକ ସୁଲତାନ, ଓଶି ଆଲମ, ଟିଙ୍କି ବେହେରା, ବାବୁ ପରିଡା ପ୍ରମୁଖ ବହୁ କର୍ମୀ ଯୋଗଦେଇ କଂଗ୍ରେସ ପାଇଁ ମନମୋହନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମନମୋହନଙ୍କ ଫଟୋଚିତ୍ରରେ କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଜାନୁଆରୀ ୨୫ରୁ ଓଲାଶୁଣୀ ଗୁମ୍ଫା ମେଳା


ଓଲାଶୁଣୀ ଗୁମ୍ଫା ମେଳା ପ୍ରସ୍ତୁତି ବୈଠକରେ ଓଲାଶୁଣି ଉନ୍ନୟନ ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୯।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଓଲାଶୁଣୀ ଗୁମ୍ଫା ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ପାହାଡ଼ ଶୀର୍ଷଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଲାଶୁଣୀ ମଠର ମଠାଧିଶ ମହନ୍ତ ଡ. ନାମାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେରେ ପ୍ରଥମେ ମହନ୍ତ ପର୍ଶୁରାମ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ପରେ ଓଲାଶୁଣୀ ଉନ୍ନୟନ ପରିଷଦ ପକ୍ଷରୁ ମେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାନୁଆରୀ ୨୫ରେ ମେଳା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଜିଲା ପ୍ରଶାସନକୁ ପ୍ରସ୍ତୁତି ବୈଠକ କରିବା ପାଇଁ ପରିଷଦ ପକ୍ଷରୁ ପତ୍ର ପ୍ରେରଣ କରାଯିବ ବୋଲି ସ୍ଥିରକରାଯାଇଥିଲା। ଦୀର୍ଘ ଦିନ ହେବ ସମ୍ପାଦକ ପଦବୀ ଖାଲି ପଡ଼ିଥିବାରୁ ତୁରନ୍ତ ସର୍ବ ସମ୍ମତିକ୍ରମେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରିବାକୁ ମତପ୍ରକାଶ ପାଇଥିଲା। ମେଳାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ନେଇ ବିଭିନ୍ନ ସମସ୍ୟା ଓ ଦାୟିତ୍ୱ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ବୈଠକରେ ଅଶୋକ ସାମଲ, ଦିଲୀପ ସାମଲ, ରତିକାନ୍ତ ସାମଲ, ଶରତ ସିଂହ, ରୁଦ୍ରନାରାୟଣ ସିଂହ, ଉମେଶ ସାମଲ, ଦେବାଶିଷ ସିଂହ, ବୈନେତେୟ ଦାସ, ପ୍ରଶନ୍ନ ପରିଡ଼ା, ଅନିଲ ଭୂୟାଁ, ଅଲେଖ ସାମଲ, ଶ୍ୟାମସୁନ୍ଦର ମହାରଣା, ଯଯାତି ସିଂହ, ମହେନ୍ଦ୍ର କୁମାର ରଣସିଂ, ବଳରାମ ବେହେରା, ଧ୍ରୁବଚରଣ ସାମଲ, ଅମୂଲ୍ୟ ସିଂହ, ପ୍ରଫୁଲ୍ଲ ପଣ୍ଡା, ବିକ୍ରମ କେଶରୀ ପ୍ରଧାନ, ବାଜେନ୍ଦ୍ର ମହାରଣା ଓ ନୀଳମାଧବ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଧାର୍ଯ୍ୟ ସମୟରେ କର୍ମଚାରୀ ଆସୁନାହାନ୍ତି କାର୍ଯ୍ୟାଳୟ

■ ମାନମାନୀ ଚାଲିଛି ବିଭାଗ

■ ଦୂରଦୂରାନ୍ତରୁ ଆସୁଥିବା ଲୋକେ ହେଉଛନ୍ତି ହଇରାଣ

ପଟ୍ଟାମୁଣ୍ଡାଇ, ୨୯।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ଏବେ କର୍ମଚାରୀଙ୍କ ମନମାନୀରେ ଚାଲିଛି। ଧାର୍ଯ୍ୟ ସମୟ ବାହାରେ ଯେଉଁ କର୍ମଚାରୀ ଯେତେବେଳେ ପାରୁଛନ୍ତି ସେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି। ଅଧିକାରୀ ଓ କର୍ମଚାରୀମାନଙ୍କ ମନମୁଖି କାର୍ଯ୍ୟକଳାପରୁ ଦୂରଦୂରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ନୂଆ ଭାଜପା ସରକାର ଗଠନ ପରେ ସରକାରୀ ଚାକିରିଆଙ୍କ ଅବହେଳାକୁ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଅତି କମ୍‌ରେ ସାଢ଼େ ୭ଘଣ୍ଟା କାମ ନ ରହିଲେ ଅନୁପସ୍ଥିତ ବୋଲି ଧରାଯିବ। ଦିନ ୧୦ଟା ସୁଦ୍ଧା କାର୍ଯ୍ୟାଳୟରେ କର୍ମଚାରୀ ଉପସ୍ଥିତ ରହିବେ। କେବଳ ଜରୁରୀ ପରିସ୍ଥିତିରେ ମିଳିବ ଅଧଘଣ୍ଟା କୋହଳ। ଏ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ତାହା ଓଲଟା ଦେଖିବାକୁ ମିଳୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ପୂର୍ବାହ୍ନ ୧୦ଟା ସୁଦ୍ଧା ଖୋଲିବା ନିୟମ ରହିଛି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବଡ଼ବାବୁଙ୍କ କାର୍ଯ୍ୟାଳୟରେ କେବଳ ଚୌକି ଦେଖିବାକୁ ମିଳିଥିଲା। ସେହିପରି କ୍ୟାଶିୟରଙ୍କ କକ୍ଷ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା। ଭାଜପା ସରକାର ଗଠନର ୭ ମାସ ପୂରିବାକୁ ଥିବାବେଳେ ସରକାରୀ କାର୍ଯ୍ୟାଳୟର ଏପରି ମନମାନୀ ଜନସାଧାରଣଙ୍କୁ ବ୍ୟଥିତ କରିଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ସଦର ମହକୁମାଠାରୁ ୨୦ କିମି ଦୂର ରାଜନଗର ବ୍ଲକ ସୀମାକୁ ଲାଗିଥିବା


ଶୁକ୍ରବାର ପୂର୍ବାହ୍ନ ୧୦.୪୮ ସୁଦ୍ଧା ବ୍ଲକ କାର୍ଯ୍ୟାଳୟକୁ କର୍ମଚାରୀ ଆସି ନ ଥିବାରୁ ତାଲା ଝୁଲୁଛି।

ଖଣନ୍ତା ପଞ୍ଚାୟତ, ମହାକାଳପଡ଼ା ବ୍ଲକ ସୀମାକୁ ଲାଗିଥିବା ବହୁ ପଞ୍ଚାୟତ ଥିଲାବେଳେ ଯାଜପୁର ଜିଲା ବରୀ ବ୍ଲକ ସୀମାନ୍ତକୁ ଲାଗିଥିବା ୩୦ କିମି ଦୂରରେ ଅଳପୁଆ ପଞ୍ଚାୟତ ରହିଛି। ସାଧାରଣ ଲୋକଟି ବ୍ଲକ କାର୍ଯ୍ୟାଳୟକୁ ଭତ୍ତା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଭଳି ଅନେକ ସମସ୍ୟା ନେଇ ଆସୁଛନ୍ତି। ଗରିବ ଲୋକଟି ଗାଡ଼ି ଭଡ଼ା କରି ଦୂରଦୂରାନ୍ତରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲେ ହେଁ ଅଧିକାରୀଙ୍କ ଦେଖା ମିଳୁ ନ ଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି। ବୁଦ୍ଧିଜୀବୀ ଅମିତାଭ ସ୍ୱାଇଁ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକରେ ୭ ଜଣ ପିଆଇଓ, ୩ ଜଣ ଯୋଗାଣ ସହାୟକ, ଜଣେ ଆକାଉଣ୍ଟାଣ୍ଟ ଅଫିସର, ଜଣେ ପିଆଇଓ ଓ ବିଏସ୍‌ଏସ୍‌ଓ ପଦବୀ ଦୀର୍ଘବର୍ଷ ହେବ ଖାଲି ପଡ଼ିଛି। ଯେଉଁ କେତେଜଣ ହାତଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡ଼ିକ ଚାଲିଛି ସେମାନେ ମିଟିଂ, ଭିସି ଏବଂ ଫିଲ୍ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏଥିଯୋଗୁ ଜନସାଧାରଣ ବହୁ ଦୂରରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆସି କୌଣସି କାର୍ଯ୍ୟ କରି ନ ପାରି ନିରାଶ ମନରେ ଫେରିଛନ୍ତି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ଭାଜପା ସରକାର ପ୍ରଶାସନକୁ ଲୋକାଭିମୁଖୀ କରି ଜନସାଧାରଣଙ୍କ ହିତରେ ଯୋଜନା ପ୍ରଣୟନ କରୁଥିବା କୁହାଯାଉଛି। ହେଲେ ଅଧିକାରୀଙ୍କ ମନମାନୀ ଓ କର୍ମଚାରୀ ଅଭାବରୁ ତଳ ସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଜନସାଧାରଣ କେତେ ତା'ର ଫାଇଦା ପାଇପାରୁଛନ୍ତି ତା'ର ଅନୁଧ୍ୟାନ କରିବାକୁ କେହିନାହାନ୍ତି। ବ୍ଲକର ପ୍ରତ୍ୟେକ ବିଭାଗରେ ଥିବା କର୍ମଚାରୀ ଅଭାବ ଯୋଗୁ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ପ୍ରକୃତରେ ଏଠାରେ ପ୍ରଶାସନ ଲୋକମାନଙ୍କର ନିକଟତର ହେଉଛି ନା ଦୂରେଇ ଯାଉଛି। ଏହି ଅସମାହିତ ପ୍ରଶ୍ନକୁ ନେଇ ଜନ ଆନ୍ଦୋଳନ ପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କୁ ପଚାରିବାରେ ଅଭିଯୋଗ ପାଇଲି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଚାଷୀଙ୍କ ସହ କଥା ହେଲେ ଯୋଗାଣ ମନ୍ତ୍ରୀ


ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କୁ ଭେଟି ଆଲୋଚନା କରୁଛନ୍ତି।

ରାଜନଗର,୨୯।୧୨(ଭାସ୍କର ରାଉତରାୟ)

ଚାଷୀମାନଙ୍କ ଫସଲ କ୍ଷୟକ୍ଷତି ଏବଂ ଦୁଃଖ ଦୁର୍ଦ୍ଦଶାକୁ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜନଗର ଗସ୍ତ କରିଥିଲେ। ମନ୍ତ୍ରୀ ପାତ୍ର ନିକଟସ୍ଥ ମହିଁଷାସୁର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷଜମିର ଫସଲ ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ପାତ୍ର କ୍ଷୟକ୍ଷତିର ସବିଶେଷ ରିପୋର୍ଟ ସୋମବାର ଆସିବା ପରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ମନ୍ତ୍ରୀ ପାତ୍ରଙ୍କ ସହିତ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଆଳିର ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ାର ଭାଜପା ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ରାଜନଗର ଭାଜପା ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ନିମାଇଁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ପାତ୍ରଙ୍କ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲା ଯୋଗାଣ ଅଧିକାରୀ, ଜିଲା କୃଷି ଅଧିକାରୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସବୁ ରୋଗ ପ୍ରାକୃତିକ ଚିକିତ୍ସା ଦ୍ୱାରା ସମ୍ଭବ



ମହିମା ସେବା ସଙ୍ଗଠନ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର

ରାଜନଗର, ୨୯।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହିମା ସେବା ସଙ୍ଗଠନ ପକ୍ଷରୁ ଏକ ଦିନିକିଆ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମର ସନ୍ଥ ବ୍ରହ୍ମ ଅବଧୂତ ବାବା ନଟବର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହିମା ଅଲେଖ ସେବା ସଙ୍ଗଠନର ମୁଖ୍ୟ ପରିଚାଳକ ବ୍ରହ୍ମ ଅବଧୂତ ବାବା ସୁବ୍ରତ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ବାବା ଦୁଷନ୍ତ ଦାସ, ପ୍ରାକୃତିକ ଚିକିତ୍ସକ ଡା. କାହ୍ନୁ ଚରଣ ସାହୁ, ମହିମା ଅଲେଖ ସେବା ସଙ୍ଗଠନର କୋଷାଧ୍ୟକ୍ଷ ଜାମିନୀକାନ୍ତ ଭୂୟାଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ମନୁଷ୍ୟର ସମସ୍ତ ରୋଗକୁ ପ୍ରାକୃତିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ଆରୋଗ୍ୟ କରାଯାଇପାରିବ ବୋଲି କହିଥିଲେ। ଏଥିରେ ରାଜନଗର ଅଞ୍ଚଳର ପ୍ରାୟ ୧୫୦ ରୋଗୀ ଚିକିତ୍ସିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁକୁମାର ମାନ୍ନା, ପଦ୍ମଲୋଚନ ପରିଡା, ଭଗୀରଥ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ବେହୁଲରେ ରକ୍ତଦାନ, ଚକ୍ଷୁ ଚିକିତ୍ସା ଶିବିର

ପାଟକୁରା, ୨୯।୧୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବେହୁଲ ଗ୍ରାମରେ ଜେପିଏମ୍ ରୋଟାରୀ କ୍ଲବ ଓ ବେହୁଲ ଏକତ୍ରୀକରଣ ଯୁବ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାସ, ବିଶେଷ ଅତିଥି ଭାବେ ସରପଞ୍ଚ ଅମିୟ ରଞ୍ଜନ ନାୟକ, ଆଇନଜୀବୀ ପ୍ରଶାନ୍ତ କୁମାର ମାହାଳୀ, ଏସ୍‌ବିଆଇର ଶାଖା ପରିଚାଳକ ମାନସ ମାହାଳି, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମାହାଳି, ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ମାହାଳି, ଅଲେଖ ମାହାଳି, ଭାଗବତ ମାହାଳି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପରିଷଦ ସଭାପତି ଡ. ଦୀପ୍ତିକାନ୍ତ ରାଉତଙ୍କ ସଂଯୋଜନାରେ ସମ୍ପାଦକ ଜିତେନ୍ଦ୍ର ମାହାଳି ସମ୍ପାଦକୀୟ ପାଠ କରିଥିଲେ। ସଭ୍ୟ ପ୍ରବୋଧ ମାହାଳି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବସନ୍ତ ମାହାଳି, ସମୀର ରଞ୍ଜନ ମାହାଳି ଓ ତପନ କୁମାର ମାହାଳିଙ୍କ ସମେତ ପରିଷଦର କର୍ମକର୍ତ୍ତା ଓ ସଭ୍ୟ, ସଭ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ। ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ୫୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଛି।

## ଗାଡ଼ି ଆଗରେ ଶୋଇ ଲୋକଙ୍କ ପ୍ରତିବାଦ

ରାଜକନିକା,୨୯।୧୨
(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳରେ ପ୍ରଶାସନ ଅଜାଣତରେ ଏକ ସଂସ୍ଥା ଆସି ଆର୍ଥ ବ୍ଲାଷ୍ଟିଂ କରୁଛି। କ'ଣ ପାଇଁ ଏଭଳି ବ୍ଲାଷ୍ଟିଂ କରାଯାଉଛି ସଂସ୍ଥାର ଅଣଓଡ଼ିଆ ଅଧିକାରୀ ଓ ଶ୍ରମିକ ପଚାରିଲେ ସେମାନେ ଉତ୍ତର ଦେଇ ପାରୁନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହି ବ୍ଲାଷ୍ଟିଂ ଫଳରେ ମୃଦୁ ଭୂମିକମ୍ପ ସୃଷ୍ଟି ହେବା ସହ ଘର ଫାଟି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଜିଲା ନା ବ୍ଲକ ପ୍ରଶାସନ କ୍ଷତିପୂରଣ କିଏ ଦେବ ବୋଲି କହିଛନ୍ତି। ବ୍ଲାଷ୍ଟିଂ କରୁଥିବା ଗାଡ଼ି ସମ୍ମୁଖରେ ଲୋକ ଶୋଇ ରବିବାର ତୀବ୍ର ପ୍ରତିବାଦ କରିଛନ୍ତି। ଫଳରେ କାମ ବନ୍ଦ ରହିଛି। ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ଦେଉରୀଙ୍କୁ ମୋବାଇଲ ଫୋନ ନମ୍ବର ୯୪୩୭୯୦୧୪୦୮ରେ ପଚାରିବାରେ ସେ କିଛି ଜାଣି ନ ଥିବା ସଫେଇ ଦେଇଛନ୍ତି। ହେଲେ ପ୍ରଶାସନ ନାକ ତଳେ ଏଭଳି କାମ ହେଉଥିବା ବେଳେ ଜନସାଧାରଣଙ୍କ ଧାନ ଚାଷଜମି ଦଳି ମକଚା ଯାଉଛି। ପ୍ରଶାସନ ନ ଜାଣି


ଗାଡ଼ି ସମ୍ମୁଖରେ ଗୁଆଳି ଗାଁର ଜଣେ ବ୍ୟକ୍ତି ଶୋଇ ପ୍ରତିବାଦ କରୁଛନ୍ତି।

ପାରିବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି।

ଏହି କାର୍ଯ୍ୟ କିଛିଦିନ ଧରି କେତେଜଣ ଅଣଓଡ଼ିଆ ଶ୍ରମିକଙ୍କ ଦ୍ୱାରା ଏଠାରେ କରାଯାଉଛି। ସେମାନଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ଓ କାଗଜପତ୍ର ଦେଖାଇ ପାରୁନାହାନ୍ତି। ଶନିବାର ବ୍ଲକର ଗୁଆଳି ଗାଁରେ ୧୧ଟି ଆର୍ଥ ବ୍ଲାଷ୍ଟିଂ କରାଯାଇଛି। ବ୍ଲାଷ୍ଟିଂ ଯୋଗୁ ପୂରା ଗାଁ ଥରି ଉଠିଥିଲା। ଶନିବାରଠାରୁ ଏଭଳି ବ୍ଲାଷ୍ଟିଂ କରୁଥିବା ଏଜେନ୍ସିକୁ ଗାଁର ବିଜୟ ବେହେରା, ପ୍ରମୋଦ ନାୟକ, ସୁବାସ ମାଝି, ନିରାକାର ନାୟକଙ୍କ ଭଳି ବହୁ ଗ୍ରାମବାସୀ ପଚାରିଥିଲେ। ସେମାନେ ଉତ୍ତର ନ ଦେବାରୁ ରବିବାର ମିଳିତ ହୋଇ ଗାଁ ଲୋକ ସଂସ୍ଥା ଗାଡ଼ିକୁ ଅଟକାଇ ଆଗରେ ଶୋଇ ରହିଥିଲେ। କୌଣସି ଉତ୍ତର ନ ଦେବାରୁ ୪ଜଣ ଅଣଓଡ଼ିଆ ଶ୍ରମିକ ଓ କର୍ମଚାରୀଙ୍କୁ ଗାଁ ଲୋକ ଅଟକ ରଖି ପରେ ଛାଡ଼ି ଦେଇଛନ୍ତି। ଆସିଥିବା ଗାଡ଼ିରେ ଓଏନ୍‌ଜିସି ଓ ସିଏନଜି ଷ୍ଟିକର ଲାଗିଛି। ତେବେ ଏହି ଦୁଇ ବିଭାଗର କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନାହାନ୍ତି। ଯଦି ତୈଳ ଓ ପ୍ରାକୃତିକ ଗ୍ୟାସ ସନ୍ଧାନ ପାଇଁ ଏଭଳି କରାଯାଉଥାଏ, ତେବେ ଲୋକଙ୍କୁ କାହିଁକି ଜଣାଯାଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଏହି ଦୁଇ ସଂସ୍ଥାର ଷ୍ଟିକର ଲଗାଇ କୌଣସି ଅନାମଧେୟ ଏଭଳି କାର୍ଯ୍ୟ କରୁଥିବା କୁହାଯାଉଛି। ଏଠାରେ ମୋଟ ୭୦ଟି ବ୍ଲାଷ୍ଟିଂ ହେବ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଧାନଜମିରେ ବୋରିଂ ପାଇଁ ବାଉଁଶ ବନ୍ଧାଯାଇଛି। ଆର୍ଥ ବ୍ଲାଷ୍ଟିଂରେ ବ୍ୟବହୃତ ମେଶିନ।

## ରାଷ୍ଟ୍ରକୁ ଶିକ୍ଷା ହିଁ ଆଗେଇ ନେଇଥାଏ

ମାର୍ଶାଘାଇ, ୨୯।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୌଣସି ରାଷ୍ଟ୍ରକୁ ସବୁକ୍ଷେତ୍ରରେ ଶିକ୍ଷା ହିଁ ଆଗେଇନେଇଥାଏ। ଶିକ୍ଷାନୁଷ୍ଠାନ ହେଉଛି ମଣିଷଗଢ଼ା କାରଖାନା। ଶିକ୍ଷାର ବିକାଶ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ବଳିଷ୍ଠ ଭୂମିକା ରହିଛି ବୋଲି ବରିଷ୍ଠ ଖବରଦାତା ନବୀନ ଦାସ କହିଛନ୍ତି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗସ୍ଥିତ ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଠାକୁର ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ପତି, ଅନ୍ତେଇ କଲେଜ ଅଧ୍ୟକ୍ଷ ବିଶ୍ୱଜିତ୍ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡୁ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ବାର୍ଷିକ ମୁଖପତ୍ର ଅରୁଣିମାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଉମାକାନ୍ତ ମହାନ୍ତି. ଶ୍ୟାମସୁନ୍ଦର ଦଳାଇ, ସୁଧାକର ପରିଡ଼ା, ପ୍ରଦୀପ ସାମନ୍ତରାୟଙ୍କ ସମେତ ମାଟ୍ରିକ୍ ଟପ୍ପର ଛାତ୍ରୀ ଅଙ୍କିତା ମହାପାତ୍ର ଓ ଯୁକ୍ତ୨ ଟପ୍ପର ଆଦର୍ଶ ସ୍ୱାଇଁ, ଉଦୟ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା, ଆଦିକନ୍ଦ ରାଉତ, ସରୋଜକାନ୍ତ ପରିଡ଼ା, ବିକ୍ରମ ଦାସଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରସନ୍ନଙ୍କ ଆହତ ଜହ୍ନର ଆକାଶ କବିତା ପୁସ୍ତକ ଉନ୍ମୋଚିତ


ଅତିଥିମାନେ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜକନିକା, ୨୯।୧୨
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ତରାସ ଗାଁର କବି ପ୍ରସନ୍ନ କୁମାର ସାହୁଙ୍କ କବିତା ପୁସ୍ତକ 'ଆହତ ଜହ୍ନର ଆକାଶ' କନିକେଶ୍ୱରୀ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ରବିବାର ଉନ୍ମୋଚିତ ହୋଇଯାଇଛି। ସମ୍ଭାବନା ଓ ସୁଧା ପରିବାର ରାଜକନିକା ଆନୁକୂଲ୍ୟରେ ପ୍ରଫେସର ବୈକୁଣ୍ଠ ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ନିରଞ୍ଜନ ବେହୁରିଆ, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ କାଳୀ ପ୍ରସାଦ ନାୟକ, ଦାମୋଦର ଧଳ, ଗୋପୀନାଥ ବିଶ୍ୱାଳ, ପ୍ୟାରୀମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ଓଡ଼ିଆ କବିତା ଜଗତରେ ଏକ ପରିଚୟ ସୃଷ୍ଟି କରିପାରିବ ବୋଲି ଅତିଥିମାନେ କହିଥିଲେ।

## କେନ୍ଦ୍ରାପଡ଼ାର ୪୪ ପ୍ରତିଶତ ଖରିଫ ଚାଷ ପ୍ରଭାବିତ



ସମୀକ୍ଷା ବୈଠକରେ ଯୋଗାଣ ମନ୍ତ୍ରୀ

କେନ୍ଦ୍ରାପଡ଼ା, ୨୯।୧୨ (ଜଗନ୍ନାଥ ଧଳ)

ଲଗାଣ ବର୍ଷା କେନ୍ଦ୍ରାପଡ଼ା ଜିଲାର ସମସ୍ତ ଅଞ୍ଚଳକୁ ପ୍ରଭାବିତ କରିଛି। ବର୍ଷାରେ ପ୍ରାୟ ୪୪ ପ୍ରତିଶତ ଖରିଫ ଧାନ ଚାଷ ନଷ୍ଟ ହୋଇଥିବା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମୀକ୍ଷା ବୈଠକରୁ ସୂଚନା ମିଳିଛି। ମନ୍ତ୍ରୀ ପାତ୍ର ରବିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଗସ୍ତ କରି ସର୍କିଟ ହାଉସରେ ବର୍ଷାଜନିତ ଖରିଫ ଚାଷ କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ ଦଳର ରାଜନେତା, କୃଷକ ନେତା ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ପରେ ଜଣାପଡ଼ିଥିଲା ଯେ ଚଳିତବର୍ଷ ଖରିଫ ଧାନ ଚାଷ ୧,୨୪,୫୫୭ ହେକ୍ଟର କ୍ଷେତରେ ହୋଇଥିଲା। ବର୍ଷା ସମୟ ପୂର୍ବରୁ ଜିଲାର ୬୪,୬୧୧ ହେକ୍ଟର ଅର୍ଥାତ୍ ୫୨ ପ୍ରତିଶତ ଜମିରେ ଧାନ ଅମଳ ସରିଥିଲା। ତେବେ ଲଗାଣ ବର୍ଷାରେ ୫,୪୪୫ ହେକ୍ଟର ଅର୍ଥାତ୍ ୪ ପ୍ରତିଶତ ଜମିର ଫସଲ କଟା ହୋଇଥିଲା। ଅବଶିଷ୍ଟ ଜମିରେ ଲଗାଣ ବର୍ଷା ପ୍ରଭାବିତ କରିଥିଲା। ଏହି ବର୍ଷାରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୧୨ ହେକ୍ଟର, ଡେରାବିଶର ୫୯ ହେକ୍ଟର, ମାର୍ଶାଘାଇର ୧୦ ହେକ୍ଟର, ମହାକାଳପଡ଼ାର ୪୬ ହେକ୍ଟର, ଗରଦପୁର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ୨୧ ହେକ୍ଟର ଲେଖାଏ, ଆଳିର ୬୧ ହେକ୍ଟର, ରାଜନଗରର ୨୭ ହେକ୍ଟର ଓ ରାଜକନିକା ବ୍ଲକ ଅଞ୍ଚଳର ୩୮ ଏକର ଏପରି ମୋଟ ୨୯୫ ହେକ୍ଟର ଜମିରେ ଚାଷ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାଚରଣ ନାୟକ, ଏଡିଏମ୍ ନିଳୁ ମହାପାତ୍ର, ସିଏସ୍‌ଓ ଶ୍ରୀନିବାସ ସାହୁ, କୃଷି ଅଧିକାରୀ କଲ୍ୟାଣ ରାୟଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ।

## ଅଭିଯୋଗ ପରେ ଚାଷୀଙ୍କୁ ଭେଟିଲେ ଅଧିକାରୀ

ଆଳି, ୨୯।୧୨(ବନମାଳୀ ସେନାପତି)

ରାଜ୍ୟରେ ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲାରେ କ୍ଷୟକ୍ଷତି ଆକଳନ ନିମନ୍ତେ ଜିଲା ଗସ୍ତରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଅପରାହ୍ନରେ ଆସିଥିଲେ। ସେ ଆଳି ବ୍ଲକ ଶାଳିଅଞ୍ଚ ଭେଡ଼ାରେ ପହଞ୍ଚିବା ପରେ ଧାନ କ୍ଷେତ ଦେଖିଥିଲେ। ସେଠାରେ ନୃସିଂହ ଜେନା, ରଘୁନାଥ ବେହେରା, ରବୀନ୍ଦ୍ର ଜେନା, ଭରତ ରାଉତ, ଜଗବନ୍ଧୁ ବେହେରା, ରବୀନ୍ଦ୍ର ନାୟକ, ଗନ୍ଧର୍ବ ପରିଡା ପ୍ରମୁଖ ଚାଷୀମାନେ ଉପସ୍ଥିତ ରହି ବିଲରୁ ଧାନ ଗଛ ଆଣି କିଭଳି ଭାବେ ଗଜା ମାରିଯାଇଛି ଦେଖାଇ କାନ୍ଦି ଥିଲେ। ଚାଷ କରି ସେମାନେ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ ବର୍ଷକ ଯାକ ଖାଇବେ କ'ଣ, ଚାଷ ନିମନ୍ତେ କରିଥିବା ଋଣ ଶୁଝିବେ କିପରି ତାହାକୁ ନେଇ ଚିନ୍ତାରେ ପଡି ଯାଇଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ ପାତ୍ର ପ୍ରାକୃତିକ ବିପର୍ଯ୍ୟୟ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇଥିବା ବେଳେ ସରକାର ଜିଲା ୱାରି ରିପୋର୍ଟ ସଂଗ୍ରହ କରୁଛନ୍ତି ବୋଲି କହିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ସେ ନେଇ ସରକାର ପ୍ରସ୍ତୁତ ହେଉଛନ୍ତି। ଭାଗଚାଷୀମାନେ ଲିଖିତ ଭାବେ ପ୍ରଶାସନ ନିକଟରେ ଅଭିଯୋଗ କଲେ ନିଶ୍ଚିତ ଭାବେ ସରକାରୀ ସହାୟତା ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଭାଜପା ଜିଲା ସଭାପତି କିଶୋର କୁମାର ପଣ୍ଡା, ଉପସଭାପତି ତଥା ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ସେଠୀ, ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ରଥ, କଳ୍ପତରୁ ଦାସ, ରଞ୍ଜନ କୁମାର ରାଉତ, ଅକ୍ଷୟ କୁମାର ବେହେରା, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ମନ୍ତ୍ରୀ ପାତ୍ରଙ୍କ ନିକଟରେ ନିଆଳ ପଞ୍ଚାୟତର ଶାଳିଅଞ୍ଚ ଭେଡ଼ାର ଚାଷୀମାନେ କୌଣସି ପ୍ରଶାସନିକ ଅଧିକାରୀ କ୍ଷୟକ୍ଷତିର ଆକଳନ ପାଇଁ ଆସି ନ ଥିବା ଅଭିଯୋଗ କରିଥିଲେ। ଏହାର ଅଧଘଣ୍ଟା ପରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି କୃଷି ଅଧିକାରୀ ତାପସ ବେହେରା, ରାଜସ୍ୱ ନିରୀକ୍ଷକ ବବଲୁ ପଢ଼ିହାରୀ ଘଟଣାସ୍ଥଳରେ ପହଞ୍ଚିବାରୁ ଚାଷୀମାନେ କ'ଣ ପାଇଁ କ୍ଷୟକ୍ଷତି ଆକଳନ କରାଯାଇନାହିଁ କହି କୃଷି ଅଧିକାରୀଙ୍କୁ ଘେରି ଯାଇଥିଲେ। ଏ ନେଇ କୃଷି ଅଧିକାରୀ ବେହେରାଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକ ଓ ବିଏଓଙ୍କୁ ବିଭିନ୍ନ ପଞ୍ଚାୟତକୁ ଯାଇ କ୍ଷୟକ୍ଷତି ଆକଳନ କରୁଛନ୍ତି। ଏହି ପ୍ଲଟକୁ ଆସି ନ ଥିଲେ। ସୋମବାର କୃଷି ବିଭାଗ ଏଠାରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବ ବୋଲି କହିଥିଲେ।


ଚାଷୀଙ୍କ ପାଖରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା କରୁଛନ୍ତି।

କ୍ଷୟକ୍ଷତିର ଆକଳନ କଲେ ଯୋଗାଣ ମନ୍ତ୍ରୀ

# ଫସଲ ବୀମା କର୍ମଚାରୀଙ୍କ ତଦନ୍ତ

ନୟାଗଡ଼,୨୯।୧୨(ଲୋକନାଥ ମିଶ୍ର)



ଅଦିନିଆ ବର୍ଷାରେ ଉଜୁଡିଥିବା ଧାନ ଫସଲର ତଦନ୍ତ ଚାଲିଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୪ଜଣ କର୍ମଚାରୀ ଓଡ଼ଗାଁ ବ୍ଲକର ଶିଖରପୁର, ଗୋଡିପଡ଼ା, ଆଙ୍ଗିସିଙ୍ଗି, ବଡଗୋରଡ଼ା, ବାଣ୍ଡପୁର ପଞ୍ଚାୟତର ଅଭିଯୋଗ ହୋଇଥିବା ଚାଷୀଙ୍କ କ୍ଷତିଗସ୍ତ ଜମିକୁ ରବିବାର ଅନୁଧାନ କରି ଫେରିଛନ୍ତି । ସେହିପରି ଜିଲାର ବିଭିନ୍ନ ବ୍ଲକରେ ବୀମା କମ୍ପାନୀର କର୍ମଚାରୀ କ୍ଷତଗସ୍ତ ଅଞ୍ଚଳ ବୁଲି ଅନୁଧାନ କରୁଛନ୍ତି । ଏଭଳିସ୍ଥଳେ ଅଣବୀମା ଚାଷୀଙ୍କ ମଧ୍ୟ ସରକାରୀସ୍ତରରେ ତଦନ୍ତ ଚାଲିଛି । ଅଦିନିଆ ବର୍ଷା ଲାଗି ରହିବା ଓ ଧାନ ଫସଲ ଉପରେ ପାଣି ଚାଲିବା ଦ୍ୱାରା ଧାନ ଫସଲ ଉଜୁଡିଥିବା ବୀମା କମ୍ପାନୀ ଓ ସରକାରୀ କର୍ମଚାରୀ ହୃଦୟଙ୍ଗମ କରୁଛନ୍ତି । ତେବେ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ତଦନ୍ତକୁ ଅପେକ୍ଷା ନ କରି ଧାନକୁ ଅମଳ କରିବାରେ ଲାଗି ପଡିଛନ୍ତି । କେଉଁଠି ଜମି ପାଖରେ ଯନ୍ତ୍ରରେ ଧାନ ଅମଳ ହେଉଛିତ ଆଉ କେଉଁଠି ଚାଷୀ ଘରକୁ ଧାନ ବୋହିବାରେ ଲାଗିଛି । ଧାନର ମାନ ଭଲ ନ ଥିଲେ ବି ଚାଷୀ ବିଲରେ ଧାନ ଛାଡିବାକୁ ନାରାଜ ।

ପ୍ରକାଶ ଯେ, ଖରିଫ ଧାନ ଅମଳ ସମୟ ୨୦୨୪ ବର୍ଷର ଶେଷ ସମୟ ଡିସେମ୍ବରରେ ଅଦିନିଆ ବର୍ଷା ଚାଷୀଙ୍କୁ କ୍ଷତିଗସ୍ତ କରିଛି । ଭଲ ଧାନ ଫସଲ ହୋଇଥିବାବେଳେ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରିବା ଚାଷୀ ପାଇଁ ଖୁସି ଆଣି ଦେଇଥିଲା । ହେଲେ ପୁଷର ବର୍ଷା ସବୁ କିଛିକୁ ଉଜାଡି ଦେଇଛି । ବିଲରେ ଧାନ ଗଜା ହେବା ପରେ ଧାନର ମାନ ଆଦୌ ନାହିଁ । ମଣ୍ଡିରେ ଧାନ ବିକ୍ରି କଲେ ମିଲର ନେବନି ବୋଲି ଚାଷୀ ଜାଣି ସାରିଲାଣି । ଏବେ ସରକାରୀ ସ୍ତରରେ ଓ ବୀମା କମ୍ପାନୀର ତଦନ୍ତ ଚାଲିଛି । ପୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସି ଚାଷୀଙ୍କ ଦୁଃଖରେ ଛିଡା ହୋଇ ସରକାର ସାଥିରେ ଅଛନ୍ତି କହିବା ପରେ ବି ଚାଷୀ ଭୟ ଛାଡି ପାରୁନି । ତଦନ୍ତ ବେଳେ ଚାଷୀ ତରବର ହୋଇ ଧାନ ଅମଳ କରିବାରେ ଲାଗି ପଡିଛି । ଘରକୁ ଯୁଦ୍ଧକାଳୀନ ଭିତ୍ତିରେ ନଷ୍ଟ ଧାନ ବୋହିବାରେ ଲାଗିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଆଶ୍ୱସନା କିଛି ଫରକ ପକାଇ ନାହିଁ । ପାଟୁଲିସାହିର ଭିକାରୀ ବିଶ୍ୱାଳ କୁହନ୍ତି, ମୁଁ ୨୫ ମାଣ ଧାନ ଫସଲ କରିଛି। ସବୁ ଧାନ ନଷ୍ଟ ହୋଇଛି । ବର୍ଷାରେ ଧାନ ଗଜା ହୋଇଥିବାବେଳେ ଏବେ ଖରାରେ ନଷ୍ଟ ହେଉଛି । କେତେଦିନ ଜମିରେ ଧାନ ଫସଲ ପକାଇ ରଖିବି। ମୁଁ କିପରି ସହାୟତା ପାଇବି ଜାଣି ପାରୁନି । ଏଭଳିସ୍ଥଳେ ମୋତେ କେହି ସହଯୋଗ କରୁ ନ ଥିବା କହି ଉଦ୍‌ବେଗ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

- ଜମିରେ ପାଣି ଜମି ରହିବାରୁ ଉଜୁଡିଛି ଫସଲ
- ତଦନ୍ତକୁ ଅପେକ୍ଷା ନ କରି ଚାଷୀ ବୋହୁଛି ଧାନ
- ମାନ ନ ଥିଲେ ବି ଆଶ ଛାଡ଼ିନି ଚାଷୀ

## ଭାଗଚାଷୀଙ୍କ ସହାୟତା ନେଇ ଉଠିଲା ପ୍ରଶ୍ନ

ଅଦିନିଆ ବର୍ଷାରେ ଚାଷ ଓ ଚାଷୀ କ୍ଷତିଗସ୍ତ ହୋଇଛି । ତେବେ ଭାଗଚାଷୀ କିପରି କ୍ଷତିପୂରଣ ପାଇବେ ସେ ନେଇ କେହି କିଛି କହୁ ନ ଥିବା ଅଭିଯୋଗ ଉଠିଛି । ଗୋଡିପଡ଼ାର କୁବେର ମହାରଣା କୁହନ୍ତି, ମୁଁ ଜଣେ ଭାଗ ଚାଷୀ । ମୁଁ ୧୨ ମାଣ ଧାନ ଫସଲ ଚାଷ କରିଥିଲି । ମୋର ସମସ୍ତ ଫସଲ ନଷ୍ଟ ହୋଇ ଯାଇଛି। ପାଣିରେ ପଡ଼ି ଧାନ ଗଛ ହୋଇ ଯାଇଛି । ଖରା ହେବା ପରେ ଯେଉଁ ଧାନ ବିଲରେ ପଡିଛି ଓ ଘରକୁ ଆଣିଛି ତାହା ଖାଇବା ଉପଯୋଗୀ ନୁହେଁ । ଏହାକୁ ମଧ୍ୟ ମଣ୍ଡିରେ ବିକ୍ରି କରାଯାଇ ପାରିବ ନାହିଁ । ମୁଁ କ'ଣ ସରକାରୀ ସହାୟତା ପାଇ ପାରିବି । ମୋ ନାଁରେ ଜମି ନାହିଁ । ମୋ ପରି ଅନେକ ଭାଗଚାଷୀ କି ଭଳି ସରକାରୀ ସହାୟତା ପାଇ ପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ରାମଚନ୍ଦ୍ର ପ୍ରଧାନ କହିଛନ୍ତି, ମୁଁ ମଧ୍ୟ ଜଣେ ଭାଗଚାଷୀ । ସରକାରୀ ସହାୟତା ମୁଁ ପାଇ ପାରିବି ନାହିଁ ବୋଲି ଜାଣିଛି । ସରକାର ଭାଗଚାଷୀ ଚିହ୍ନଟ କରି ସେମାନଙ୍କ ପାଇଁ ସହାୟତା ରାଶି ଯୋଗାଇବା ଦରକାର । ନଚେତ୍ ଭାଗଚାଷୀ ଆଉ ଚାଷ କରିବେ ନାହିଁ ବୋଲି କହିଛନ୍ତି ।

# ରଣପୁର ବ୍ଲକ୍ ଚାଷୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ନୟାଗଡ଼/ରଣପୁର, ୨୯।୧୨
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ରବିବାର ମୁଖ୍ୟମନ୍ତ୍ରୀ ମାଝୀ ନୟାଗଡ଼ ଜିଲା ରଣପୁର ବ୍ଲକ ଗସ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ପୂର୍ବାହ୍ନ ୧୧.୨୫ରେ ରଣପୁର ଜେଲ ଛକ ନିକଟସ୍ଥ ନଡିଆଭଙ୍ଗା ପଡ଼ିଆରେ ଓହ୍ଲାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ବାଚସ୍ପତି ସୁରମା ପାଢ଼ୀ ଉତ୍ତରୀୟ ଓ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ବାଚସ୍ପତିଙ୍କ ସହ ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା, ରଣପୁର ଏନ୍‌ଏସି ଚେୟାରମ୍ୟାନ ରଙ୍ଗିନ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ ଉପସ୍ଥିତ ଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ରଣପୁର ବ୍ଲକର କାଣ୍ଡପଡ଼ାର ଚାଷଜମିକୁ ଯାଇ ଧାନ ଫସଲର କ୍ଷୟକ୍ଷତି ବୁଲି ଦେଖିଥିଲେ । ଏହି ଅବସରରେ କାଣ୍ଡପଡ଼ା ହାଇସ୍କୁଲ ପଡ଼ିଆରେ ଏକ ଚାଷୀ ସମାବେଶ ହୋଇଥିଲା । ସେଥିରେ ୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ଗଜା ଓ ପଚିଥିବା ପାଚିଲା ଧାନ ଫସଲକୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇ ନିଜର ଦୁଃଖ ଜଣାଇଥିଲେ । ଚାଷୀ ଚକ୍ରଧର ମାଝୀ, ସନ୍ତୋଷ ମୁଦୁଲି, ଲକ୍ଷ୍ମୀଧର ସାମଲ, ପ୍ରହଲାଦ ବେହେରା, ବସନ୍ତ ମହାପାତ୍ର, ଭୀମସେନ ମହାପାତ୍ର ପ୍ରମୁଖଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ କ୍ଷୟକ୍ଷତି ନେଇ ସମବେଦନା ଜଣାଇଥିଲେ ।

ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଲେ, ଚାଷୀମାନେ ନିଜ ଅଞ୍ଚଳରେ ମୋତେ ଭେଟି ନିଜର କ୍ଷୟକ୍ଷତି ଉପସ୍ଥାପନ କରି ଖୁସି ହୋଇଛନ୍ତି । ଅଦିନିଆ ବର୍ଷାରେ ଖରିଫ ଫସଲ ନଷ୍ଟ ହୋଇଛି । ଗତ ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଅଦିନିଆ ବର୍ଷା ହୋଇଛି । ୩୦ ତାରିଖ ଭିତରେ କ୍ଷୟକ୍ଷତିର ଠିକ୍ ଆକଳନ ସରିବା ପରେ ସହାୟତା ଯୋଗାଇ ଦିଆଯିବ । ବୀମା କମ୍ପାନୀଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦକ୍ଷିଣାଞ୍ଚଳ ଆଇଜି ଚରଣ ସିଂ ମିନା, ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଚର୍ଚ୍ଚାରେ ଭିନ୍ନକ୍ଷମ କାଠ କାରିଗର ପ୍ରଶାନ୍ତ



ପ୍ରଶାନ୍ତ ମହାରଣା କାଠ ନିର୍ମିତ ସାମଗ୍ରୀ ତିଆରିରେ ନିମଗ୍ନ ।

ଖଣ୍ଡପଡ଼ା,୨୯।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୮ନଂ.ୱାର୍ଡ କୁନ୍ଦୁରା ସାହିର ଭିନ୍ନକ୍ଷମ କାଠ କାରିଗର ପ୍ରଶାନ୍ତ ମହାରଣା ଏବେ ଚର୍ଚ୍ଚାରେ । ତାଙ୍କ ହାତ ସ୍ପର୍ଶରେ ଜୀବନ୍ତ ହୋଇଉଠେ ଅଦରକାରୀ କାଠ । ପିଲାଟି ଦିନରୁ ଭିନ୍ନକ୍ଷମ ହୋଇଥିଲେ ହେଁ କାଠରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ପ୍ରଶାନ୍ତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ସେ କାଠରେ ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି । କାଠରେ ତିଆରି ଘରକରଣା ଓ ଖେଳନା ସାମଗ୍ରୀ ବିଭିନ୍ନ ମେଳା ମହୋତ୍ସବରେ ବିକ୍ରି କରି ସେ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି । ପ୍ରଶାନ୍ତଙ୍କ ଦ୍ୱାରା ନିର୍ମିତ ସାମଗ୍ରୀକୁ ଗ୍ରାହକମାନେ ବେଶ୍ ପସନ୍ଦ କରି କ୍ରୟ କରିଥାଆନ୍ତି । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଆୟୋଜିତ ମେଳା ଓ ମହୋତ୍ସବରେ ପ୍ରଶାନ୍ତ ଉପସ୍ଥିତି ରହି ତାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିଥାଆନ୍ତି । ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳି ପାରିଲେ ସେ ଆହୁରି ଆଗକୁ ଯାଇପାରନ୍ତେ ବୋଲି ପ୍ରଶାନ୍ତ କହିଛନ୍ତି । ଏହି କାର୍ଯ୍ୟପ୍ରତି ରୁଚି ରଖିଥିବା ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର କେତେଜଣ ଯୁବକଙ୍କୁ ମଧ୍ୟ ପ୍ରଶାନ୍ତ ପ୍ରେରଣା ଦେବା ସହ କିଭଳି କାଠରେ ସୌଖୀନ ସାମଗ୍ରୀ ନିର୍ମାଣ କରାଯାଉଛି ସେ ସମ୍ପର୍କରେ ତାଲିମ ଦେଉଛନ୍ତି ।

# ଭଗବାନଙ୍କୁ ଅନୁଭବ ମାଧମରେ ଜାଣିହୁଏ, ସେଥିପାଇଁ ସାଧନା ଆବଶ୍ୟକ

## ଶ୍ରୀନୀଳମାଧବ ଓ ମହାନଦୀ ସମ୍ପର୍କିତ ପାଠଚକ୍ର

ଖଣ୍ଡପଡ଼ା,୨୯।୧୨(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋ ଶ୍ରୀନୀଳମାଧବ ଏବଂ ମହାନଦୀ ସମ୍ପର୍କିତ ଏକ ସ୍ୱତନ୍ତ୍ର ପାଠଚକ୍ର ଶନିବାର ଭୁବନେଶ୍ୱର ଶହୀଦ ନଗରଠାରେ ଅନୁଷ୍ଠିତ ହୋଇଯାଇଛି । ବର୍ଷୀୟାନ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହିତ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ତଥା ନୀଳମାଧବ ଗବେଷଣା ପ୍ରତିଷ୍ଠାନର ଅଧକ୍ଷ ଡ.ଭାରତ ଭୂଷଣ ରଥ ପାଠଚକ୍ରରେ ଭାଗ ନେଇଥିଲେ । ମାଳବ ପ୍ରଦେଶର ରାଜା ପରମ ବିଷ୍ଣୁ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ଅନୁରୋଧ ରକ୍ଷା କରି ବିଦ୍ୟାପତି ତତ୍କାଳୀନ ଉତ୍କଳଦେଶ ବା ଓଡ଼ିଶା ଆସିଥିଲେ । ଓଡ଼ିଶାରେ ବିଦ୍ୟାପତି ପ୍ରଥମେ ମହାନଦୀ କୂଳରେ ପହଞ୍ଚି ନୀଳମାଧବଙ୍କୁ ଦର୍ଶନ କରିଥିବା ଶାସ୍ତ୍ରୀୟ ମତକୁ ଡ. ରଥ ବର୍ଣ୍ଣନା କରିଥିଲେ । ଏହି ଆଲୋଚନାଚକ୍ରରେ ପ୍ରଫେସରଙ୍କ ସହଧର୍ମିଣୀ ନିରୁପମା ଆଚାର୍ଯ୍ୟ ଓ ନୀଳମାଧବଙ୍କ ଗବେଷଣା ଉପରେ ରୁଚି ରଖିଥିବା ଅବସରପ୍ରାପ୍ତ ଅଧାପିକା ଜ୍ୟୋତ୍ସ୍ନା ମହାରଣା ପ୍ରମୁଖ ଭାଗ ନେଇଥିଲେ । ଡ.ରଥଙ୍କ ଦ୍ୱାରା ରଚିତ ଶ୍ରୀନୀଳମାଧବ ଏବଂ ଲଳିତା ପୁସ୍ତକ ଦୁଇଟିର ଶାସ୍ତ୍ରୀୟ ବିଷୟକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ଆଚାର୍ଯ୍ୟ



ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଶୁଣିଥିଲେ । ମହାନଦୀର ଶାସ୍ତ୍ରୀୟ ନାମ ଏବଂ ମହାନଦୀ କୂଳରେ ନୀଳମାଧବଙ୍କ ଅବସ୍ଥିତି ପ୍ରମାଣ ଶୁଣିବା ପରେ ପ୍ରଫେସର ଆଚାର୍ଯ୍ୟ ମହାନଦୀକୁ ନେଇ ଅନେକ ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ । ବୁଦ୍ଧଦେବଙ୍କ ସହିତ ମହାନଦୀର ସମ୍ପର୍କ ଏବଂ ମହାନଦୀର ପ୍ରାଚୀନତା ଉପରେ ବିଶେଷ ଅଧୟନ ପାଇଁ ଗବେଷଣାର ଆବଶ୍ୟକତା ରହିଥିବା ସେ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ପ୍ରଫେସର ଶାନ୍ତନୁଙ୍କ ସଂଘର୍ଷମୟ ଜୀବନ ଓ ଆଧାତ୍ମିକ ଅନୁଭବକୁ ଆଲୋଚନା କରାଯାଇଥିଲା । ପିଲାବେଳୁ ନିଜ ମା'ଙ୍କୁ ହରାଇଥିବା ପ୍ରଫେସର ଆଚାର୍ଯ୍ୟ ଭଗବାନଙ୍କ ସତ୍ତାକୁ ଅନ୍ୱେଷଣ କରି ଶେଷରେ ଭଗବାନଙ୍କୁ ପାଇଥିବାର ଅନୁଭବ ବଖାଣି ଥିଲେ । ବିଶ୍ୱରେ ଆଧାତ୍ମିକତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଭଗବାନଙ୍କୁ କେବଳ ଅନୁଭବ ମାଧମରେ ହିଁ ଜାଣିହୁଏ, ସେଥି ପାଇଁ ସାଧନା ଆବଶ୍ୟକ ବୋଲି ସେ ସୂଚନା ଦେଇଥିଲେ । ଡ.ରଥ ତିରୁପତି ଭେଙ୍କଟେଶ୍ୱରଙ୍କ ନାମାଙ୍କିତ ଉପଢୌକନ ଓ ନୀଳମାଧବଙ୍କ ପୁସ୍ତକ ଉପହାର ପ୍ରଦାନ କରି ପ୍ରଫେସର ଆଚାର୍ଯ୍ୟଙ୍କୁ ସମ୍ମାନିତ କରିଥିଲେ ।

# ଭାପୁର ଓ ଜାନିସାହି ଟିମ୍ ବିଜୟୀ

## ସଚିନ ଓ ଲିପୁନ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୨୯।୧୨(ଅଜୟ କୁମାର ମହାରଣା)

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ (ସଚିନ ଓ ଲିପୁନ ମେମୋରିଆଲ) ସିଧାମୂଳା ଆନୁକୁଲ୍ୟରେ ୨୭ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ରବିବାର ୩ୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ଭାପୁର କ୍ରିକେଟ୍ କ୍ଲବ ୩୮ ରନରେ ଦଶପଲ୍ଲା କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ବିଜୟୀ ହୋଇଛି । ଟସ୍ ଜିଣି ଭାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରିଥିଲା । ଜବାବରେ ଦଶପଲ୍ଲା ଦଳ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ନରସିଂହପୁର ଜାନିସାହି କ୍ରିକେଟ କ୍ଲବ୍ ୬ଉଇକେଟରେ ଆୟୋଜକ ସିଧାମୂଳା ଗୋକୁଳାନନ୍ଦ ଜୀଉ କ୍ରିକେଟ ଆସୋସିଏଶନକୁ ହରାଇ ବିଜୟୀ ହୋଇଛି । ପ୍ରଥମେ ସିଧାମୂଳା ଦଳ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା । ଜବାବରେ ଜାନିସାହି ଦଳ ୯.୪ ଓଭରରେ ୪ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ବିଜୟୀ ହୋଇଛି । ପ୍ରଥମ ଖେଳକୁ ସନାତନ ବେହେରା ଓ ତପନ କୁମାର ଦାସ ଏବଂ ୨ୟ ମ୍ୟାଚକୁ ଦୀପକ କୁମାର ବେହେରା ଓ ପ୍ରଭାତ କୁମାର ମହାଳିକ ପରିଚାଳନା କରିଥିଲେ ।

# ଚାଷୀଙ୍କ ଘର ଭାଙ୍ଗିଦେଲେ ହାତୀପଲ

ଭଞ୍ଜନଗର,୨୯।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ି ନିକଟରେ ଶନିବାର ରାତିରେ ହାତୀପଲ ଜଣେ ଚାଷୀଙ୍କ ଜମିରେ ଥିବା ଘରକୁ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଦେବା ସହ ଉକ୍ତ ଘରେ ଥିବା ୧୦ ବସ୍ତା ଧାନକୁ ଖାଇ ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ହେବ ୨୩ ଟିକିଆ ହାତୀପଲ ଉକ୍ତ ଅଞ୍ଚଳରେ ରହୁଛନ୍ତି। ସନ୍ଧ୍ୟା ହେଲେ ସେଠାରୁ ହାତୀପଲ ଅନ୍ୟତ୍ର ଯିବାକୁ ବାହାରୁଛନ୍ତି। କିନ୍ତୁ ଲୋକେ ଘଉଡ଼ାଇ ଦେଉଥିବା ଯୋଗୁ ହାତୀପଲ ପୁଣି ଜଙ୍ଗଲକୁ ଫେରିଯାଉଛନ୍ତି। ଶନିବାର ରାତିରେ ହାତୀପଲ ଉତ୍ୟକ୍ତ ହୋଇ ଜଣେ ଚାଷୀଙ୍କ ଘରକୁ ଭାଙ୍ଗି ଦେଇଛନ୍ତି। ରବିବାର ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରି ଆସିଛନ୍ତି। ଗତ ସପ୍ତାହରେ ଉକ୍ତ ହାତୀପଲ ଗୁଣ୍ଡିରିବାଡ଼ିର ଜଣେ ମନ୍ଦିର ପୂଜାରୀ ଏବଂ ଅନ୍ୟ ଜଣଙ୍କୁ ଗୋଡ଼ାଇଥିଲେ।

# ଗୁରୁତର ହୋମଗାର୍ଡ ଏମ୍‌କେସିଜିରେ ଭର୍ତ୍ତି

## ପିଏସ୍‌ଓଙ୍କ ସର୍ଭିସ ରିଭରଭଲରୁ ଫୁଟିଲା ଗୁଳି

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଜପତି ପୋଲିସ ଜିଲାର ଜଣେ କନଷ୍ଟେବଲ ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କ ପିଏସ୍‌ଓଙ୍କ ସର୍ଭିସ ରିଭଲଭରରୁ ଗୁଳି ଫୁଟିଛି। ଏଥିରେ ଏସ.ରବି ରାଓ(୩୩) ନାମକ ଜଣେ ହୋମଗାର୍ଡ ଗୁରୁତର ହୋଇଛନ୍ତି। ତାଙ୍କୁ ଏମକେସିଜି ମେଡିକାଲ କାଜୁଆଲିଟିରେ ଚିକିତ୍ସା ପାଇଁ ରବିବାର ସନ୍ଧ୍ୟାରେ ଭର୍ତ୍ତି କରାଯାଇଛି । ତାଙ୍କର ୨ଟି ଗୋଡରେ ଗୁଳି ବାଜିଛି। ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ରହିଛି।

ପାରଳାଖେମୁଣ୍ଡି ଶାନ୍ତିନଗର ବାସିନ୍ଦା ଏସ.ରବି ରାଓ ଗଜପତି ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଗାଡି ଚାଳକ ଭାବେ କାର୍ଯ୍ୟ କରନ୍ତି। ପୋଲିସ ଅଧିକାରୀଙ୍କ ପିଏସଓଙ୍କ ସହ ରବିଙ୍କ ଉତ୍ତମ ସମ୍ପର୍କ ରହିଛି। ଶନିବାର ରାତି ପ୍ରାୟ ୯ଟାରେ ପୋଲିସ ଅଧିକାରୀ ଜଣକ ଡ୍ୟୁଟି ସାରି ଗାଡିରୁ ଓହ୍ଲାଇ ଚାଲିଯିବା ପରେ ରବି ଏବଂ କନଷ୍ଟେବଲ ଗାଡି ଭିତରେ ବସି କଥାବାର୍ତ୍ତା ହେଉଥିଲେ। ରବି ଚାଳକ ସିଟରେ ବସିଥିବା ବେଳେ କନଷ୍ଟେବଲ ଜଣଙ୍କ ତାଙ୍କ ନିକଟରେ ବସିଥିଲେ। ହେଲେ କୌଣସି କାରଣରୁ କନଷ୍ଟେବଲଙ୍କ ସର୍ଭିସ ରିଭଲଭରରୁ ଗୁଳି ଫୁଟିଯାଇଥିଲା। ସେହି ଗୁଳିଟି ପ୍ରଥମେ ରବିଙ୍କ ବାମ ଗୋଡର ଜଙ୍ଘରେ ବାଜିବା ପରେ ଗାଡିର ସିଟରେ ବାଜି ପୁଣିଥରେ ରବିଙ୍କ ଡାହାଣ ଗୋଡରେ ବାଜି ବାହାରି ଯାଇଥିଲା। ତେବେ ଗୁଳି ବାଜିବା ପରେ ରବିଙ୍କ ଗୋଡରୁ ରକ୍ତସ୍ରାବ ହେବା ସହ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

# ସୁଧୁରୁନି କୁଟିବାରୀବାସୀଙ୍କ ଦୁଃଖ

ନୂଆଗାଁ,୨୯।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆଦିବାସୀ ବହୁଳ ଜାକେଡା ପଞ୍ଚାୟତ କୁଟିବାରୀ ଗ୍ରାମବାସୀଙ୍କ ଅନେକ ସମସ୍ୟା ରହିଛି । ସେସବୁକୁ ସୁଧାରିବା ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଉ ନ ଥିବା ଅଭିଯୋଗ ହେଉଛି ।

ନୂଆଗାଁ ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୧୫ କିମି ଦୂରରେ ଆଦିବାସୀ ବହୁଳ ଜାକେଡା ପଞ୍ଚାୟତର କୁଟିବାରୀ ଗ୍ରାମ । ଏହି ଗ୍ରାମରେ ପ୍ରାୟ ୧୫ ଆଦିବାସୀ ପରିବାର ବସବାସ କରନ୍ତି । ଉକ୍ତ ଗ୍ରାମରେ ରାସ୍ତା, ପାନୀୟ ଜଳ, କୋଠଘର ବିଦ୍ୟୁତ୍ ଭଳି ଅନେକ ସମସ୍ୟା ରହିଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସମସ୍ୟା ସୁଧୁରୁ ନାହିଁ। ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି ରାସ୍ତା ସମସ୍ୟା । ଜାକେଡା ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୩ କିମି ଦୂରରେ କୁଟିବାରୀ ଗ୍ରାମ ରହିଥିଲେ ମଧ୍ୟ ପଞ୍ଚାୟତକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ । ମଣ୍ଡାଡିହଠାରୁ କୁଟିବାରୀ ଯିବା ରାସ୍ତାରେ ଗ୍ରାମକୁ ଲାଗି ପାହାଡ଼ରୁ ପାଣି ଆସି ଗୋଟିଏ ନାଳ ସୃଷ୍ଟି ହୋଇଛି । ସେଥିରେ ବର୍ଷା ଦିନେ ପାହାଡ଼ ପାଣି ଆସି ରାସ୍ତା ବନ୍ଦ ହୋଇଯାଉଛି । ଫଳରେ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି । ତେଣୁ ଗ୍ରାମବାସୀଙ୍କ ସୁବିଧା ପାଇଁ



ବ୍ରିଜ ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନ ।

ସେଠାରେ ଗୋଟିଏ ବ୍ରିଜ୍ ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ ପଞ୍ଚାୟତ ଫଣ୍ଡରୁ ଅଢେଇ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । କିନ୍ତୁ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ସେଠାରେ ବ୍ରିଜ୍ ନିର୍ମାଣ କରାଯାଉନାହିଁ । ଉକ୍ତ ଗ୍ରାମରେ କୋଠଘର କିମ୍ବା କୌଣସି ସରକାରୀ ଗୃହ ନାହିଁ । ପଞ୍ଚାୟତ ନିର୍ବାଚନ ସମୟରେ ଗାଁ ମଝିରେ ବୁଥ୍ ନିର୍ମାଣ ପାଇଁ କପଡା ଘେରାଇ ଅସ୍ଥାୟୀ ଗୃହ ନିର୍ମାଣ କରାଯାଏ । ତେଣୁ ଗ୍ରାମରେ ଏକ କୋଠଘର ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା । ଉକ୍ତ ଟଙ୍କାରେ କୋଠଘରଟି ନିର୍ମାଣ ହୋଇ ଅଧପାନ୍ତରିଆ ଭାବେ ପଡି ରହିଛି । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲେ ମଧ୍ୟ ଉକ୍ତ ଗ୍ରାମରେ କୌଣସି ପ୍ରକଳ୍ପ ପାଇଁ ଆବଶ୍ୟକ ଟଙ୍କା ଆସି ନାହିଁ । ଏପରି କି ଅଧାପନ୍ତରିଆ କୋଠଘରକୁ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନ ପ୍ରତିନିଧି ଦୃଷ୍ଟି ଦେଉ ନ ଥିବା କହିଛନ୍ତି ସେହି ଗ୍ରାମର ସାରିଆ ବାଘ ।

- ପଞ୍ଚାୟତକୁ ଯିବାକୁ ନାହିଁ ରାସ୍ତା
- ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି କୋଠଘର
- ନିର୍ବାଚନ ସମୟରେ ବୁଥ୍ ପାଇଁ ହେଉଛି ଅସ୍ଥାୟୀ ଗୃହ



କୁଟିବାରୀର ଅଧାପନ୍ତରିଆ ଭାବେ ପଡିଥିବା କୋଠଘର ।

କୁଟିବାରୀ ଗ୍ରାମରେ ୨ଟି ନଳକୂଅ ରହିଥିବା ବେଳେ ଗୋଟିଏ ପୋତି ହୋଇ ଯାଇଛି ଏବଂ ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି । ତାହାକୁ ଉପରକୁ ଉଠାଇ ମରାମତି କରିବାର ନାଁ ଧରୁନି ପ୍ରଶାସନ । ସେହିଭଳି ଅଧିକାଂଶ ସମୟରେ ବିଦ୍ୟୁତ୍ ସମସ୍ୟା ଦେଖା ଦେଉଥିଲେ ମଧ୍ୟ ମରାମତି କରାଯାଉ ନାହିଁ । ଉକ୍ତ ସମସ୍ୟା ସୁଧାରିବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପ୍ରଚେଷ୍ଟା କରୁ ନ ଥିବା କୁଟିବାରୀ ଗ୍ରାମର ନରେନ୍ଦ୍ର ମଳିକ, ସଂସାରୀ ଜାନି, ସୂର୍ଯ୍ୟମଣି ଜାନୀଙ୍କ ସମେତ କୁଟିବାରୀ ଗ୍ରାମବାସୀ କହିଛନ୍ତି ।

ଏ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସମସ୍ୟା ସଂକ୍ରାନ୍ତରେ ମୁଁ ସ୍ଥାନୀୟ ସରପଞ୍ଚ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରି କୁଟିବାରୀ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବି ବୋଲି କହିଛନ୍ତି ।

